**ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର**

କୁଚିଣ୍ଡା(ଡି.ଏନ.ଏ.): କୁଚିଣ୍ଡା ୱାର୍ଡ ନଂ.୯ ପୁରୁଣା ପେଟ୍ରୋଲ ପମ୍ପ ପଛ ପାଖ ଏକ ଘରୁ ବୁଧବାର ସନ୍ଧ୍ୟାରେ ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ରାଜୁ ମହାକୁଡଙ୍କ ସ୍ତ୍ରୀ ଶୈଳସୁଧା ମହାକୁଡ (୪୨)। ଶୈଳସୁଧା କୁଚିଣ୍ଡା ଡାକ୍ତରଖାନାର ବ୍ଲଡ ବ୍ୟାଙ୍କରେ କାମ କରୁଥିଲେ। ତାଙ୍କ ପୁଅର କହିବାନୁସାରେ ସେ ଘରକୁ ସନ୍ଧ୍ୟାରେ ଫେରିବା ପରେ ମା' ରଶିଲଗାଇ ଆତ୍ମହତ୍ୟା କରିଥିବା ଦେଖି କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ପୋଲିସ ସୂତ୍ରରୁ ପ୍ରକାଶ।



## ସଂକ୍ଷେପରେ

### ବେକରେ ଗାମୁଛା ଲଗାଇ ଯୁବକ ମୃତ

**ରାଉରକେଲା ଅଫିସ,୨୭।୧:** ରଘୁନାଥପାଲି ଥାନା ଅନ୍ତର୍ଗତ ପାନପୋଷ ଅଞ୍ଚଳରେ ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ପାନପୋଷ ଅଞ୍ଚଳରେ ଆଶିଷ କୁମାର ନାୟକ(୨୫) ଏକ ଭଡ଼ା ଘରେ ରହୁଥିଲେ। ସେ ରାଜଗାଙ୍ଗପୁରରେ ଥିବା ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଯୁବକ ଜଣଙ୍କ ଘରେ ଥିବା ପଙ୍ଖାରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ସକାଳ ହେବାରୁ ପାଖ ପଡିଶା ଲୋକେ ତାଙ୍କୁ ଡାକିବାକୁ ଯାଇ ଝରକାରେ ଆଶିଷଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତ ଆଶିଷଙ୍କ ଘର ଭଦ୍ରକ ଜିଲା ଚନ୍ଦବାଲି ଅଞ୍ଚଳରେ ଜଣାପଡ଼ିଛି।

### ଷ୍ଟିଲସିଟିରେ ଉଡିଲା ୭୨ ଫୁଟ ଲମ୍ବ ଜାତୀୟ ପତାକା

**ରାଉରକେଲା ଅଫିସ,୨୭।୧:** ରାଉରକେଲା ଷ୍ଟିଲସିଟିରେ ଉଡ଼ିଲା ୭୨ ଫୁଟ୍‌ର ଜାତୀୟ ପତାକା । ଦେଶରେ ୭୨ତମ ସାଧାରଣତନ୍ତ୍ର ଦିବସ ଅବସରରେ ଆମ୍ବଗାନ ଛକରେ ଥିବା ଟେଲିଫୋନ ଭବନ ପଡ଼ିଆରେ ପଶ୍ଚିମ ଓଡ଼ିଶାର ସର୍ବବୃହତ୍ତ ଜାତୀୟ ପତାକା ଉଡ଼ିଛି। ୭୦ ମିଟର ଉଚ୍ଚ ଖମ୍ବରେ ୪୮ ଫୁଟ୍ ଚଉଡ଼ା ଓ ୭୨ ଫୁଟ ବିଶିଷ୍ଟ ଜାତୀୟ ପତାକା ଉଡ଼ିଛି। ଏହା ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସହରବାସୀଙ୍କ ପାଇଁ ଉତ୍ସର୍ଗୀତ କରାଯାଇଛି। ପୂର୍ବରୁ ୧୬ କି.ମି ଲମ୍ବର ତ୍ରିରଙ୍ଗା ପ୍ରଦର୍ଶନ କରାଯାଇ ରାଉରକେଲା ସମଗ୍ର ଭାରତରେ କୀର୍ତ୍ତି ଅର୍ଜନ କରିଥିଲା। ଏହା ବ୍ୟତୀତ ଉକ୍ତ ଅଞ୍ଚଳରେ ଏକ କୃତ୍ରିମ ପୋଖରୀ ନିର୍ମାଣ କରାଯାଇ ତାହାକୁ ୨୪ ଘଣ୍ଟା ଆଲୋକିକରଣ କରିବା ସହ ଉକ୍ତ ସ୍ଥାନର ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି। ଆଗାମୀ ୨୦୨୩ ହକି ବିଶ୍ୱକପ୍‌କୁ ଆଖି ଆଗରେ ରଖି ଆରଏସ୍‌ପି ପକ୍ଷରୁ ଏଭଳି ପଦକ୍ଷେପକୁ ସହର ତଥା ଜିଲାବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

### ଯୁବତୀଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୨୭।୧:** ଟାଙ୍ଗରପାଲି ଥାନା ଅନ୍ତର୍ଗତ ସାରନଗରୀ ଅଞ୍ଚଳରେ ଜଣେ ଯୁବତୀ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ତଦନ୍ତ ଜାରି ରଖିଛି। ସାରନଗରୀ ଲକ୍ଷ୍ମୀମାର୍କେଟ ଅଞ୍ଚଳରେ ଆଶା ରେଡ୍ଡି(୧୯) ପରିବାର ସହ ବାସକରନ୍ତି। ସକାଳ ସମୟରେ ତାଙ୍କ ଘରର ଏକ ବନ୍ଦ କୋଠରୀରେ ଥିବା ଏକ ପଙ୍ଖାରେ ସେ ଚୁନି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କଲାପରେ ପୋଲିସ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଯୁବତୀ ଆତ୍ମହତ୍ୟା କରିବାର କାରଣ ଜଣାପଡିନି।

### ସଂଗ୍ରାମୀ ପରିବାର ଦାୟାଦ ସମ୍ବର୍ଦ୍ଧିତ

**ସମ୍ବଲପୁର,୨୭।୧(ବ୍ୟୁରୋ):** ସମ୍ବଲପୁର ଜିଲା ବଡକୁଣ୍ଡେସରା ଗ୍ରାମର ସଂଗ୍ରାମୀ କୃଷ୍ଣ ବେହେରାଙ୍କ ଦାୟାଦ ସୁରେଶଙ୍କୁ ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଅଗ୍ରୱାଲ, ଖବରଦାତା ପ୍ରଫୁଲ୍ଲ ଦାସ, ଆଇନଜୀବୀ ରାଙ୍ଗିୟ ଷଡଙ୍ଗୀ, ଗବେଷକ ବିଭୂଦତ୍ତ ପ୍ରମୋଦ କୁମାର ମିଶ୍ର, କୁଲୁଣ୍ଡି ସରପଞ୍ଚ ସୁବ୍ରତ କୁମୁରା ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ସହିତ ଲଢେଇ କରିବା ସମୟରେ ସୁରେଶଙ୍କ ପରିବାର ସାମିଲ ହୋଇଥିଲେ।

### ପ୍ରେମ ପ୍ରତାରଣା, ଯୁବକ ଜେଲ ଗଲେ

**କୁତ୍ରା, ୨୭।୧ (ଡି.ଏନ.ଏ):** ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ରାଜଗାଙ୍ଗପୁର ଅଞ୍ଚଳର ସରୋଜ ମିଞ୍ଜ (୨୩) ସିଙ୍ଗାପଡାରେ ରୁହନ୍ତି । ସେହି ଗ୍ରାମରେ ଜଣେ ଯୁବତୀଙ୍କ ସହିତ ପ୍ରଥମେ ପ୍ରେମ ଓ ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ଯୁବକ ଜଣକ ଧୋକା ଦେଇ ବିବାହ କରିବି ନାହିଁ ବୋଲି କହିବା ପରେ ଯୁବତୀ କୁତ୍ରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କର ଡାକ୍ତରୀମାଇନା କରିବା ପରେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି ।

# ପ୍ରତିଶ୍ରୁତି ପରେ ଚାଷୀ ଆନ୍ଦୋଳନ ପ୍ରତ୍ୟାହୃତ

**ଲଖନପୁର,୨୭।୧(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଅତାବିରା ସେବା ସମବାୟ ସମିତିର ୧୭୨ଜଣ ଚାଷୀଙ୍କୁ ତ୍ରୁଟିପୂର୍ଣ୍ଣ ଟୋକନ୍ ପ୍ରଦାନକୁ ନେଇ ଗତ ସୋମବାରରୁ ଚାଷୀମାନେ ପଞ୍ଚଗାଁ ଛକ ୪୯ନଂ. ଜାତୀୟ ରାଜପଥରେ ଧାନବସ୍ତା ରଖି ଆନ୍ଦୋଳନ ଚଳାଇଥିଲେ। ଜିଲା ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେବା ପରେ ମଙ୍ଗଳବାର ରାତି ୧୦ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।

ଟୋକନ୍ ପ୍ରଦାନରେ ତ୍ରୁଟି ଯୋଗୁ ଚାଷୀମାନେ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଚାଷୀମାନେ ସେବା ସମବାୟ ସମିତି, ଯୋଗାଣ ବିଭାଗ, ଜିଲା ପ୍ରଶାସନ ଓ ଏମ୍‌ପି, ଏମ୍‌ଏଲ୍‌ଏଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ତଥାପି ଏହାର କୌଣସି ପ୍ରତିକାର କରାଯାଇ ନ ଥିଲା। ଫଳରେ ଅସନ୍ତୁଷ୍ଟ ଚାଷୀମାନେ ପୂର୍ବସୂଚନା ମୁତାବକ ଗତ ସୋମବାର ସକାଳୁ ପଞ୍ଚଗାଁ ଛକରେ ୪୯ନଂ. ଜାତୀୟ ରାଜପଥରେ ଧାନବସ୍ତା ରଖି ଅବରୋଧ କରିଥିଲେ। ଏଥିରେ ପଶ୍ଚିମ ଓଡିଶା କୃଷକ ସଂଗଠନ, ଜିଲା କୃଷକ ସଂଗଠନ ଓ ବ୍ଲକ୍ କୃଷକ ସଂଗଠନର ଶତାଧିକ ଚାଷୀ ସାମିଲ ହୋଇଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଯାନବାହନ ଅଟକି ରହିଥିଲା। ଜିଲା ପ୍ରଶାସନିକ ଅଧିକାରୀ ଆନ୍ଦୋଳକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ



ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲେଚନା କରୁଛନ୍ତି।

### ୩୧ ମଧ୍ୟରେ ଟୋକନ୍ ପ୍ରଦାନ ସହ ଧାନ କିଣାଯିବ

ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଚାଷୀମାନେ ନିଷ୍ପତ୍ତି ନେଇଥିଲେ। ଏ ଖବର ପାଇବା ପରେ ଜିଲା ପ୍ରଶାସନ ତରଫରୁ ଉପଜିଲାପାଳ ଶିବ ଟପ୍ପୋ, ତହସିଲଦାର ବିଶ୍ୱ କେଶନ ପାଣ୍ଡେ ଓ ଏସ୍‌ଡିପିଓ ଦିଲୀପ ଦାସ ପ୍ରମୁଖ ଆଲୋଚନାକରି ଆସନ୍ତା ୩୧ତାରିଖ ମଧ୍ୟରେ ଧାନ କିଣିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏହି ଆନ୍ଦୋଳନରେ ଜିଲା କୃଷକ ସଂଗଠନ ସଭାପତି ଦିଲୀପ ବଡେଇ, ସାଧାରଣ ସମ୍ପାଦକ ସୁରେନ୍ଦ୍ର ସାହୁ, ପ୍ରବକ୍ତା ବିରଞ୍ଚି ସାହୁ, ବିଜୟ ଦାସ, ଗୋପୀନାଥ ମାଝି, ସୁରେଶ ତ୍ରିପାଠୀ, ପଞ୍ଚାନନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ସଙ୍ଗଠନକୁ ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱ



ବୈଠକରେ ଯୋଗଦେଇଥିବା ପରିଷଦର କର୍ମକର୍ତ୍ତା ଓ ଅନ୍ୟମାନେ।

**ନାକଟିଦେଉଳ,୨୭।୧(ଡି.ଏନ.ଏ.)**

ରାଜ୍ୟ ସଂସ୍କୃତି ଓ କଳା ପରିଷଦ ନାକଟିଦେଉଳ ବ୍ଲକ ଶାଖାର ଏକ ସାଂଗଠନିକ ବୈଠକ ମଙ୍ଗଳବାର ପେଣ୍ଡ୍ରବାହାଳ ନିକଟ ଚମ୍ପାଳୀ ନଦୀ ତଟରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱାମିତ୍ର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ସଂଗଠନର ବ୍ଲକ ସଭାପତି ଅନାଦି ଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରାଯିବାକୁ ସଭାପତି ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ଜିଲା ସଂସ୍କୃତି ବିଭାଗରେ ନାକଟିଦେଉଳ ବ୍ଲକ ଅଞ୍ଚଳର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ କଳାକାର ଭତ୍ତା ପାଇଁ ଆବେଦନ ପତ୍ର ପଡ଼ିରହିଛି। ସରକାର ତୁରନ୍ତ ଏହାର ତର୍ଜମା କରି ହିତାଧିକାରୀଙ୍କୁ କଳାକାର ଭତ୍ତା ଯୋଗାଇଦେବାକୁ ଦାବି କରାଯାଇଥିଲା। ନଚେତ୍ ଆଗାମୀ ଦିନରେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଥିଲା। ଆସନ୍ତା ଫେବୃୟାରୀରେ ସଂସ୍କୃତି ଓ କଳାପରିଷଦର ବ୍ଲକ ସ୍ତରୀୟ ସମାବେଶ ତଥା ବାର୍ଷିକ ଉତ୍ସବ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଂଗଠନର ସମ୍ପାଦକ ହରିହର ସାହୁ, ଉପସଭାପତି ବିପ୍ରମଣି ସାହୁ, ହେମନ୍ତ କୁମାର ଧଳ ପ୍ରମୁଖ ଯୋଗଦେଇ ମତାମତ ରଖିଥିଲେ। ଏହି ଅବସରରେ ସାମାଜିକ କର୍ମୀ ରଘୁନାଥ ପ୍ରଧାନଙ୍କୁ ସଂଗଠନର ଉପଦେଷ୍ଟା ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏଥିରେ ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତର ବିଭିନ୍ନ ଗ୍ରାମର ୧୫୦ଟି ମଣ୍ଡଳୀରୁ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ କଳାକାର ଯୋଗଦେଇଥିଲେ।

# କାର୍ଯ୍ୟାଳୟରେ ଧାନ ଢାଳିଲେ ଚାଷୀ

**ଜମନକିରା, ୨୭।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍‌ରେ ଟୋକନ୍ ଅବଧି ବୃଦ୍ଧି କରା ନ ଯିବାରୁ ଚାଷୀମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ଏହାର ପ୍ରତିବାଦରେ ପୂର୍ବ ନିଷ୍ପତ୍ତିକ୍ରମେ ସେମାନେ ବୁଧବାର ଧାନ ମଣ୍ଡିକୁ ନ ନେଇ ବ୍ଲକ୍ ଅଫିସ ଓ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ଢାଳିଥିଲେ। ଫଳରେ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟାଳୟକୁ ଆସି ଫେରିଯାଇଥିବା ଦେଖାଯାଇଥିଲା।

ସରକାର ଗତବର୍ଷଠାରୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀଙ୍କୁ ଟୋକନ୍ ବ୍ୟବସ୍ଥା କରିଥିଲେ। ଜମନକିରା ବ୍ଲକର ଚାଷୀଙ୍କୁ ଦିଆଯାଇଥିବା ଟୋକନ୍ ଅବଧି ଗତ ୧୨ ତାରିଖ ରାତିରୁ ଶେଷ ହୋଇଯାଇଛି। ଫଳରେ ଚାଷୀମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ଏଯାବତ୍ ୧୭ ମଣ୍ଡିରେ ୭୫ହଜାର କୁଇଣ୍ଟାଲ ଧାନ ପଡିରହିଛି। ଚାଷୀମାନଙ୍କ କହିବା କଥା ଧାନ ବିକ୍ରି ସମସ୍ୟା ନେଇ ଭାଜପା ପକ୍ଷରୁ ଜାତୀୟ ରାଜପଥ ୫୩ ଅବରୋଧ କରାଯାଇଥିଲା। ପରେ କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ



କାର୍ଯ୍ୟାଳୟରେ ଧାନଢାଳି ପ୍ରତିବାଦ କରୁଛନ୍ତି ଚାଷୀ।

### ବଢ଼ିଲାନି ଟୋକନ୍ ଅବଧି

ମଧ୍ୟ ଧାରଣା ଦିଆଯାଇଥିଲା। ୭ଦିନ ପୂର୍ବରୁ ଚାଷୀ ସଂଗଠନ ପକ୍ଷରୁ ପ୍ରଶାସନକୁ ଚେତାବନୀ ଦିଆଯାଇ ଜାନୁଆରୀ ୨୫ ସୁଦ୍ଧା ଧାନ ନ ଉଠିଲେ ସମସ୍ତ କାର୍ଯ୍ୟାଳୟରେ ଧାନ ଢାଳି ପ୍ରତିବାଦ କରିବେ ବୋଲି ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହି କ୍ରମରେ ଚାଷୀମାନେ ଧାନ ଢାଳି ବିଭିନ୍ନ କାର୍ଯ୍ୟାଳୟ ଅଚଳ କରିଦେଇଥିଲେ। ଶ୍ରୀଲକ୍ଷ୍ମୀ କୃଷକ ସୁରକ୍ଷା ସଂଗଠନର ସଭାପତି ଚୁଡ଼ାମଣି ପଟେଲ, ନବୀନ ପଟେଲ, ସୁମନ୍ତ ମହାକୁଳ, ଗୁରୁଚରଣ ପଟେଲ, ବୀରେନ୍ଦ୍ର ଚୌଧୁରୀ, ଅର୍ଜୁନ ମୋହନ ପଧାନ, ସୁଶୀଲ କୁମାର ପାଣ୍ଡେ, ଦେବେନ୍ଦ୍ର ନାଏକ, ହରେଶ କୁମାର ସେନାପତି, ଯୋଗେନ୍ଦ୍ର କୁମାର କିଷାନ, ରାଜକିଶୋର କିଷାନ, କ୍ଷମାନିଧି ମହାକୁଳଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ଭାଜପାରେ ମିଶିଲେ ଶତାଧିକ ଯୁବକ, ମହିଳା

**ନାକଟିଦେଉଳ,୨୭।୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଭାଜପା ପକ୍ଷରୁ ସାଧାରଣନ୍ତ୍ର ଦିବସ ଅବସରରେ ସରାପାଲି ପଞ୍ଚାୟତ ମାରଓ୍ୱାଡ଼ିମୁଣ୍ଡା ଗ୍ରାମରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ରେଢାଖୋଲ ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ଜୋନ-୧ର ଜିଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା,ଜୋନ-୨ ସଭ୍ୟ ପ୍ରମୋଦ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମାରଓ୍ୱାଡ଼ିମୁଣ୍ଡା, ଚନ୍ଦ୍ରପୁର, ଗୌଡ଼ପଡ଼ା ଗ୍ରାମର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଯୁବକ ଓ ମହିଳା ମୋଦି ସରକାର ଉପରେ ଆସ୍ଥା ପ୍ରକଟ କରି ଭାଜପାରେ ମିଶିଥିଲେ। ଏମ୍‌ପି ଗଙ୍ଗଦେବ ଓ ବିଧାୟକ ପ୍ରାର୍ଥୀ ମହାପାତ୍ର ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହା ଦ୍ୱାରା ଭାଜପାର ସାଂଗଠନିକ ସ୍ଥିତି ସୁଦୃଢ଼ ହୋଇପାରିବ ବୋଲି ଏମ୍‌ପି ପ୍ରକାଶ କରିଥିଲେ।

# ପ୍ରଭାବିତ ଗ୍ରାମବାସୀଙ୍କୁ ସମସ୍ତ ସୁବିଧା ଦେବାକୁ ନିର୍ଦ୍ଦେଶ

**ଝାରସୁଗୁଡ଼ା,୨୭।୧ (ଡି.ଏନ୍.ଏ.)**

### ଏନ୍‌ଏଲ୍‌ସି ଥର୍ମାଲ ପାୱାର ପ୍ଲାଣ୍ଟର ଆର୍‌ପିଡିଏସି ବୈଠକ

ଏନ୍‌ଏଲ୍‌ସି ତଲାବିରା ଥର୍ମାଲ ପାୱାର ପ୍ଲାଣ୍ଟର ପ୍ରଥମ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି (ଆର୍‌ପିଡିଏସି) ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡା ବିଧାୟକ ନବକିଶୋର ଦାସ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରି ନାୟକ, ଉତ୍ତରାଞ୍ଚଳ ଆଇଜି ନରସିଂହ ଭୋଳ, ଝାରସୁଗୁଡ଼ା ଜିଲାପାଳ ସରୋଜ କୁମାର ସାମଲ, ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍ସେନା, ଝାରସୁଗୁଡ଼ା ଏସ୍‌ପି ବିକାଶ ଚନ୍ଦ୍ର ଦାଶ, ସମ୍ବଲପୁର ଏସ୍‌ପି ବି. ଗଙ୍ଗାଧର, ଝାରସୁଗୁଡ଼ା ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲ,ଏନ୍‌ଏଲ୍‌ସି ଇଣ୍ଡିଆ ପ୍ରକଳ୍ପ ମୁଖ୍ୟ ଓ ନିର୍ଦ୍ଦେଶକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରକଳ୍ପ ପାଇଁ ୧୯,୪୨୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ୧୪୪୭.୧୪ ଏକର ଜମି ମଞ୍ଜୁର ହୋଇଛି। ଜିଲାପାଳ ପ୍ରକଳ୍ପ ସମ୍ପର୍କିତ ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଗ୍ରାମବାସୀ ଯେପରି ନିୟମ ଅନୁଯାୟୀ ସମସ୍ତ ସୁବିଧା ପାଇବେ ସେଥିପ୍ରତି ଯତ୍ନବାନ ହେବାକୁ ଅଧ୍ୟକ୍ଷ ଆର୍‌ଡିସି ସାହୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନିୟମ ଅନୁଯାୟୀ ଯେପରି ସମସ୍ତଙ୍କୁ କ୍ଷତିପୂରଣ ମିଳିବ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଶେଷରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଇବ୍‌ପିଟ୍ ନକ୍‌ଆଉଟ୍ କ୍ରିକେଟ: ବ୍ରଜରାଜନଗର ଚାମ୍ପିୟନ

**ବ୍ରଜରାଜନଗର, ୨୭।୧(ଡି.ଏନ.ଏ.)**

ବ୍ରଜରାଜନଗର ସହର ଇବ୍‌ପିଟ୍‌ଠାରେ ଚାଲିଥିବା ଇବ୍‌ପିଟ୍ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ବେଲପାହାଡ ଦୋସ୍ତାନା କ୍ଲବକୁ ହରାଇ ଇବ୍‌ପିଟ୍ ବ୍ରଜରାଜନଗର ଚାମ୍ପିୟନ ହୋଇଛି। ଇବପିଟ୍ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ଉଇକେଟ ହରାଇ ୭୯ ରନ କରିଥିଲା। ଜବାବରେ ଦୋସ୍ତାନା ଦଳ ମାତ୍ର ୨୮ ରନରେ ଅଲଆଉଟ ହୋଇଯାଇଥିଲା । ପୂର୍ବତନ ପୌରାଧ୍ୟକ୍ଷ ନନ୍ଦକିଶୋର ଅଗ୍ରୱାଲ ମୁଖ୍ୟଅତିଥି, ବ୍ରଜରାଜନଗର ଟ୍ରକ୍ ଆସୋସିଏଶନ ସଭାପତି ସତିଶ୍ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବର ସୁଦାମ ଦାସ, ପ୍ରିନ୍ସ, ମଞ୍ଜୟ, ପ୍ରମୋଦ, ବିକାଶ, ନିର୍ଦ୍ଦୟ ରାଜା ପ୍ରମୁଖ ସହାୟତା କରିଥିଲେ।

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବାଲିଶଙ୍କରା, ୨୭।୧ (ଡି.ଏନ.ଏ)**

କିଞ୍ଜିରକେଲା ଥାନା ହଲମା ଗ୍ରାମରେ ଗଛ ଉପରେ ଚଢ଼ି ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ଜଣେ ଯୁବକ ମୃତ। ସେ ହେଲେ ତପନ ବସରା (୩୫)। କିଛି ଦିନ ପୂର୍ବରୁ ତପନ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିଲେ। ସେ ୮ ଦିନ ହେବ ଘରକୁ ଫେରିଥିଲେ। ୨ଦିନ ହେବ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିବା ବେଳେ ସ୍ତ୍ରୀ କାମ କରିବାକୁ ଚାଲିଯିବାରୁ ସ୍ୱାମୀ ତପନ ଭାରସାମ୍ୟ ହରାଇ ଘର ନିକଟ ଗଛରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ସକାଳେ ଗ୍ରାମବାସୀ ଦେଖି ଘରେ ଖବର ଦେଇଥିଲେ। ପରିବାର ଲୋକ କିଞ୍ଜିରକେଲା ପୋଲିସକୁ ଖବର ଦେଇଥିଲେ ।

# ପର୍ଯ୍ୟଟନ ସ୍ଥଳୀ ସଫେଇ କରି ସଚେତନତା

**ସମ୍ବଲପୁର,୨୭।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରାସ୍ଥିତ ଦେବଝରଣ ପର୍ଯ୍ୟଟନସ୍ଥଳ ପରିଚାଳନା ଦାୟିତ୍ୱ ସ୍ଥାନୀୟ ଗଇଲଗୁଡି ବନ ସୁରକ୍ଷା ସମିତିକୁ ଦିଆଯାଇଛି। ସେମାନଙ୍କୁ ଦେବଝରଣ ବିକାଶମଞ୍ଚ ଓ ପରିବେଶବିତ୍ ସହଯୋଗ କରିବା ପାଇଁ ସ୍ଥିର କରାଯାଇଛି। ସାଧାରଣତନ୍ତ୍ର ଦିବସ ଅବସରରେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ବନ ସୁରକ୍ଷା ସମିତିର ମହିଳା ଓ ଯୁବକମାନେ ପର୍ଯ୍ୟଟକଙ୍କୁ ସଚେତନ କରିବାକୁ ଯାଇ ଡଷ୍ଟବିନ୍ ଦେବା ସହ ପ୍ଲାଷ୍ଟିକମୁକ୍ତ କରି ପରିବେଶ ସଫାସୁତୁରା ରଖିବାକୁ ଅନୁରୋଧ କରିଥିଲେ। ବଣଭୋଜି ସରିବା ପରେ ମହିଳାମାନେ ପଡିଥିବା ଆବର୍ଜନା, ପାଣି ବୋତଲ, ପ୍ଲାଷ୍ଟିକ ଗୋଟାଇ ଏକାଠି କରିଥିଲେ। କାର୍ଯ୍ୟକ୍ରମରେ ସଦର ରେଞ୍ଜର ଗୌରୀ ଦାସ, ଟଙ୍କଧର ପ୍ରଧାନ, ଅରୁଣ ଦେହୁରି ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

# ଭଲିବଲ ଟୁର୍ନାମେଣ୍ଟ: ସଡ଼ୋ ଚାମ୍ପିୟନ

**ରିଆମାଳ, ୨୭।୧ (ଡି.ଏନ୍.ଏ)**

ଦେବଗଡ଼ ଜିଲା କଂସର ଗ୍ରାମ ପଞ୍ଚାୟତରେ ଆଞ୍ଚଳିକ ମା' ତାରିଣୀ କ୍ଲବ ଆନୁକୂଲ୍ୟରେ ଏକ ଭଲିବଲ୍ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ସାଧାରଣତନ୍ତ୍ର ଦିବସରେ ପତକା ଉତ୍ତୋଳନ ପରେ ଭଲିବଲ ଟୁର୍ନାମେଣ୍ଟ ୫ଟା ଦଳକୁ ନେଇ ଚାଲିଥିଲା। ଫାଇନାଲ ମ୍ୟାଚ୍ ସଡୋ ଓ ଆଇଆରବି, କଂସର ମଧ୍ୟରେ ହୋଇଥିବାବେଳେ ସଡୋ କ୍ଲବ ବିଜୟ ହୋଇ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଚୈତନ୍ୟ ହାଂସଦା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜରଙ୍କଠାରୁ ସଡ଼ୋ ଦଳ ସିଲ୍ ଓ ମାନପତ୍ର ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଦିଲ୍ଲୀପ୍ କୁମାର ନାୟକ ସିଆରସିସି କଂସର, ଅମୀୟ କୁମାର ଦାଶ ଡାକ୍ତର ନ୍ୟୁପିଏଚ୍‌ପିସି, ମା'ତାରିଣୀ କ୍ଲବର ଜଣାଶୁଣା ଦରଦୀବନ୍ଧୁ ସୌଭାଗ୍ୟ କୁମାର ପାତ୍ର ସଭାପତି, ସମ୍ପାଦକ ଅଶୋକ କୁମାର ଭୋଇ, ଦୀପକ କୁମାର ସାହୁ, ସଞ୍ଜୟ ଗଡତିଆ, ଅଞ୍ଜନ ଭୂତିଆ, ସଞ୍ଜୟ ବେହେରା, ବିଚିତ୍ର କୁଅଁର ପ୍ରମୁଖ ସହଯୋଗ କରିଥିଲେ।

# ବାଇକ ଓ ଟ୍ରାକ୍ଟର ଶୋଭାଯାତ୍ରା

**ଲହୁଣୀପଡା/ ରାଉରକେଲା ଅଫିସ, ୨୭।୧ (ଡି.ଏନ.ଏ)**

ଦିଲ୍ଲୀରେ କୃଷକ ଆଇନକୁ ବିରୋଧ କରି ଅନେକ ଚାଷୀ ଟ୍ରାକ୍ଟର ରାଲି ସହିତ ବିକ୍ଷୋଭ ପ୍ରଦର୍ଶନ ସହ ଆଇନ ଅମାନ୍ୟ ଆନ୍ଦୋଳନ କରିଛନ୍ତି। ଏହି ଚାଷୀଙ୍କୁ ସମର୍ଥନ କରି ସୁନ୍ଦରଗଡ ଜିଲା ବଣାଇ ସିଆଇଟିୟୁ ଦଳ ପକ୍ଷରୁ ଶହଶହ ଚାଷୀ ଓ ଦଳୀୟ କର୍ମୀ ଲହୁଣୀପଡାଠାରୁ ବଣାଇ ପର୍ଯ୍ୟନ୍ତ ଏକ ବିଶାଳ ଟ୍ରାକ୍ଟର ବାଇକ ଶୋଭାଯାତ୍ରାରେ ଯାଇଥିଲେ। ଏଥିରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ନେତୃତ୍ୱ ନେଇ ପ୍ରଥମେ ଲହୁଣୀପଡା ଠାରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଇ ପତାକା ଦେଖାଇ ବାଇକ ଓ ଟ୍ରାକ୍ଟର ରାଲି ଆରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଲହୁଣୀପଡା ଗୋଲେଇ ଛକଠାରୁ ଆରମ୍ଭ କରି ବଣାଇ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପର୍ଯ୍ୟନ୍ତ ଯାଇଥିଲା । ଏକ ଟ୍ରାକ୍ଟରରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ ସାମଲ, ସର୍ବଭାରତୀୟ ସିଆଇଟିୟୁ ଉପସଭାପତି ବିଷ୍ଣୁ ମହାନ୍ତି, ଜିଲାପରିଷଦ ସଭ୍ୟ ଗୋପୀନାଥ ମାହାନ୍ତ, ଆନନ୍ଦ ହର, ଅନିରୁଦ୍ଧ ତ୍ରିପାଠୀ ପ୍ରମୁଖ ଟ୍ରାକ୍ଟର ଉପରେ ଛିଡା ହୋଇ ଶୋଭାଯାତ୍ରାରେ ଯାଇଥିଲେ । ଜଣେ ମହିଳା ସିଆଇଟିୟୁ କର୍ମୀ ବା ଚାଷୀ ନିଜେ ଏହି ଟ୍ରାକ୍ଟର ରାଲିରେ ଯୋଗଦେବା ସହିତ ନିଜେ ଟ୍ରାକ୍ଟର ଚଳାଇ ପୁରୁଷଙ୍କ ଠାରୁ ମହିଳା କିଛି କମ ନୁହନ୍ତି ବୋଲି ଦେଖେଇ ଦେଇଛନ୍ତି ଏହି ଟ୍ରାକ୍ଟର ଶୋଭାଯାତ୍ରାରେ ।

ସେହିପରି ରାଉରକେଲା ସିଆଇଟିୟୁ ପକ୍ଷରୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ତତ୍ତ୍ୱବଧାନରେ ଟ୍ରାକ୍ଟର ଓ ବାଇକ ରାଲିର ଆୟୋଜନ ହୋଇଛି। ୩ଟି କୃଷିଆଇନକୁ ପ୍ରତ୍ୟାହାର କରିବା ସହ ବର୍ଦ୍ଧିତ ବିଦ୍ୟୁତ ବିଲ, ଓ ଶ୍ରମିକମାନଙ୍କୁ ପ୍ରତିଦିନ ୱେଜେସ ବାବଦକୁ ସର୍ବନିମ୍ନ ୨୧ ହଜାର ଟଙ୍କା ପ୍ରଦାନ ଭଳି ଦାବିକୁ ନେଇ ସିଟୁ ଦାବି କରିଥିଲା ଏହି ଅବସରରେ ପାନପୋଷ ଛକରୁ ଆମ୍ବେଦକର ଛକ ପର୍ଯ୍ୟନ୍ତ ରାଲି ବାହାରି ଥିଲା।

# ବ୍ଲକ ଘେରିଲେ ସିପିଆଇଏମ୍ କର୍ମୀ

**ଟେନ୍‌ସା,୨୭।୧(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୋଇଡା ବ୍ଲକ ବିଡିଓ ପଲ୍ଲବୀରାଣୀ ରାଜଙ୍କ ନିଲମ୍ବନ ଦାବିରେ ବୁଧବାର ହଜାର ହଜାର ସଂଖ୍ୟାରେ ସିପିଆଇଏମ କର୍ମୀ ବ୍ଲକ ଘେରିବା ସହିତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବ୍ଲକ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ପ୍ରଥମେ କୋଇଡା ସିଆଇଟିୟୁ କାର୍ଯ୍ୟାଳୟ ପାର୍ଶ୍ୱରୁ ଏକ ବିଶାଳ ରାଲି ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା । ବ୍ଲକ କାର୍ଯ୍ୟାଳୟରେ ପହଁଞ୍ଚି ସିପିଆଇଏମ ପୁରୁଷ ଏବଂ ମହିଳା କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବା ବେଳେ ପୋଲିସ ଏବଂ ସିପିଆଇଏମ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ଦେଖିବାକୁ ମିଳିଥିଲା। କୋଇଡା ବ୍ଲକ ସମ୍ମୁଖରେ ବିଡିଓ ପଲ୍ଲବୀ ରାଣୀ ରାଜଙ୍କ ନିଲମ୍ବନ ଦାବିରେ ହଜାର ହଜାର ସିପିଆଇଏମ୍ କର୍ମୀଙ୍କ ବିକ୍ଷୋଭ ପଦର୍ଶନ କରିଥିଲେ । ଘଟଣା ସ୍ଥଳରେ ସୁରକ୍ଷା ଦୃଷ୍ଟିରୁ ୪ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିବାବେଳେ



କୋଇଡ଼ା ବ୍ଲକ ସମ୍ମୁଖରେ ସିପିଆଇଏମ୍ କର୍ମୀ ଧାରଣା ଦେଇଛନ୍ତି।

ଘଟଣା ସ୍ଥଳରେ ବଣାଇ ଅତିରିକ୍ତ ଏସପି ସେଇୟଦ ମୂଜିବୁର ରେହେମାନ ଏବଂ ବଣାଇ ଏସଡିପିଓ ସୌରଭ ଓତା, କୋଇଡା ଥାନାଧିକାରୀ ଲୋକେଶ୍ୱର ସାହୁ ଉପସ୍ଥିତ ରହିଥିଲେ। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ହଜାର ହଜାର ସିପିଆଇଏମ୍ କର୍ମୀ ବ୍ଲକ ଆଗରେ ଧାରଣାରେ ବସି ରହିଛନ୍ତି। ବିରୋଧକାରୀଙ୍କ ଗୋଟିଏ ଦାବି ରହିଥିଲା ଯେପର୍ଯନ୍ତ ବିଡିଓ ପଲ୍ଲବୀ ରାଣୀ ରାଜଙ୍କ ଗିରଫ ଏବଂ ନିଲମ୍ବନ ନ ହେଇଛି, ସେପର୍ଯନ୍ତ ଅନଶନରୁ ଉଠିବେ ନାହିଁ। ବିଧାୟକଙ୍କ କହିବା ଅନୁସାରେ କୋଇଡା ବିଡିଓ ପିସି କାରବାର ଏବଂ

### ପୋଲିସ ଏବଂ ସିପିଆଇଏମ୍ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି

ନିଜର ଠିକାଦାର ବାହାରୁ ଆଣି କୋଇଡା ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ କରାଉଥିବା ଏବଂ ବ୍ଲକ କର୍ମଚାରୀଙ୍କୁ ଦୀର୍ଘ ଦିନ ଧରି ଦୁର୍ବ୍ୟବହାର କରୁଥିବା ନିଜେ ବ୍ଲକ ଅଧକ୍ଷା ରୀନା ରାଣୀ କୁମିଡିଆଲ ଅଭିଯୋଗ କରିଛନ୍ତି। ଯେପର୍ଯ୍ୟନ୍ତ ସମ୍ପୃକ୍ତ ବିଡିଓ କାର୍ଯ୍ୟରୁ ନିଲମ୍ବିତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ବ୍ଲକ ସମ୍ମୁଖରେ ଧାରଣା ଅବ୍ୟାହତ ରହିବ ବୋଲି ସିପିଆଇଏମ ସୁନ୍ଦରଗଡ ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ସାମଲ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇଏମ୍ ଜିଲା ସଭ୍ୟ ପ୍ରଭାତ କୁମାର ପଣ୍ଡା, ଅଶୋକ ସାମଲ, ବାଦଲ ବାରିକ, ହଳଧର ଦେହୁରୀ, ବାବୁଲି ମୁଣ୍ଡା, ଭୀମସେନ ଦେହୁରୀଙ୍କ ସମେତ ହଜାର ହଜାର ସଂଖାରେ କର୍ମୀ ଯୋଗଦେଇଥିଲେ।

# ଜଣେ ଚଣ୍ଡାଳର ଜୀବନ କାହାଣୀ

## ଭାରତ-ଭାରତୀ


ମନୋରଞ୍ଜନ ବ୍ୟାପାରୀ

ଇଏ ହେଉଛନ୍ତି ସେଇ ବିରଳ ଲେଖକ ମନୋରଞ୍ଜନ ବ୍ୟାପାରୀ, ଯିଏ ପିଲାଦିନେ ଗୋରୁ ଚରାଉଥିଲେ, ତା'ପରେ ହୋଟେଲ୍‌ରେ କପ୍‌ପ୍ଲେଟ୍ ଧୋଇବା କାମ କରନ୍ତି। ଟ୍ରକ୍‌ର ଖଲାସି ଭାବରେ କିଶୋର ବୟସରେ କାମ କରନ୍ତି। ଗୋଟିଏ ସ୍କୁଲ୍‌ରେ ସୁଇପର ଭାବେ ନିୟୋଜିତ ହୁଅନ୍ତି କିଛିଦିନ। ଜଙ୍ଗଲରୁ କାଠ କାଟି ସାଇକେଲରେ ବୋଝେଇ କରି ହୋଟେଲରେ ବିକ୍ରି କରନ୍ତି। ଶୈଶବରୁ ଆଦ୍ୟ ଯୌବନ ପର୍ଯ୍ୟନ୍ତ ବିଭିନ୍ନ କାମକରି ବଞ୍ଚିବାର ରାହା ଖୋଜିଛନ୍ତି ମନୋରଞ୍ଜନ। ମଦ ପିଇ ମାତାଲ ହୋଇ ଗୁଣ୍ଡାଗିରି କରି ଅନେକ ଥର ମାଡ଼ ବି ଖାଇଛନ୍ତି, ମରୁମରୁ ବଞ୍ଚିଛନ୍ତି...

ଆଦ୍ୟ ଯୌବନାବସ୍ଥାରେ ନକ୍ସଲ ଆନ୍ଦୋଳନରେ ଯୋଗଦେଇ ବୋମା, ବନ୍ଧୁକ ଧରି ଆତଙ୍କ ସୃଷ୍ଟି କରନ୍ତି ମନୋରଞ୍ଜନ। ବିଭିନ୍ନ ଅପରାଧରେ ଦଶବର୍ଷ ପାଇଁ ଜେଲ୍‌ଦଣ୍ଡ ଭୋଗ କରନ୍ତି। ଆଦୌ ଅକ୍ଷର ଶିଖି ନ ଥିବା ଏହି ଲୋକ ଜେଲ୍ ଭିତରେ ଜଣେ ମହାନ୍ ବ୍ୟକ୍ତିଙ୍କ ସମ୍ପର୍କରେ ଆସନ୍ତି। ସଦାସର୍ବଦା ଉଦାସ ରହୁଥିବା ଏହି ତରୁଣଙ୍କୁ ସେହି ବ୍ୟକ୍ତି ଦିନେ ଜେଲ୍ କୋଠରିର ଉପର ମହଲା ଝର୍କାରୁ ଦୂରର ଏକ ସୁନ୍ଦର କୋଠା ଉପରେ ବଢ଼ି ଉଠିଥିବା ବରଗଛ ଦେଖାଇ କହନ୍ତି ଯେ ମାଟି ବିନା ସେହି ଗଛଟି ଯଦି କଂକ୍ରିଟ୍ ଭିତରୁ ଜିଇ ରହିବାର ଖାଦ୍ୟ ଯୋଗାଡ଼ କରି ବଞ୍ଚିରହି ପାରୁଛି, ତେବେ ସବୁ ପ୍ରତିକୂଳ ପରିବେଶ ଭିତରେ ବି ଜୀବନକୁ ସୁନ୍ଦର ଭାବେ ଗଢ଼ା ଯାଇପାରେ। ବହି ଏଭଳି ଏକ ବନ୍ଧୁ ଯାହାର ସଂସର୍ଗ ଜୀବନର ସବୁ ଯନ୍ତ୍ରଣା, ସବୁ ଦୁଃଖକୁ ଅତିକ୍ରମ କରିଯିବାର ଶକ୍ତି ପ୍ରଦାନ କରିଥାଏ। ଭଦ୍ରବ୍ୟକ୍ତି ଜଣକ ମନୋରଞ୍ଜନଙ୍କୁ ଲେଖିବା ପଢ଼ିବା ଶିଖାନ୍ତି। ତା'ପରେ ବହି ତାଙ୍କର ପରମ ବନ୍ଧୁ ପାଲଟିଯାଏ।

ଜେଲ୍‌ରୁ ଫେରିବା ପରେ ରିକ୍ସା ଚଳେଇ ପେଟ ପୋଷନ୍ତି ମନୋରଞ୍ଜନ। ଯାହା ଉପାର୍ଜନ ନିଜର ଖାଇବା ବ୍ୟତୀତ ବହି କିଣାରେ ବ୍ୟୟ କରନ୍ତି। ବିଭିନ୍ନ ଲୋକଙ୍କ ପାଖରୁ ବହି ମାଗି ଆଣି ପଢ଼ନ୍ତି। ଦିନେ ତାଙ୍କ ରିକ୍ସାରେ ଜଣେ ଭଦ୍ରମହିଳା ବସନ୍ତି। ମନୋରଞ୍ଜନ ସେହି ଭଦ୍ର ମହିଳାଙ୍କୁ ଜିଜୀବିଷା ଶବ୍ଦର ଅର୍ଥ ପଚାରନ୍ତି। ଜଣେ ରିକ୍ସାବାଲାର ଏହି ଜିଜ୍ଞାସା ଭଦ୍ର ମହିଳାଙ୍କୁ ବିସ୍ମିତ କରେ। ସେ ରିକ୍ସା ଟାଣୁଥିବା ଏହି ବ୍ୟକ୍ତିଙ୍କ ସହିତ ଗପିବା ଆରମ୍ଭ କରି ଜାଣି ପାରନ୍ତି ଯେ, ଯେତକ ବହି ସେ ପଢ଼ିଛନ୍ତି, ତା' ଭିତରେ ତାଙ୍କ ନିଜ ରଚିତ ପାଞ୍ଚୋଟି ବହି ରହିଛି। ରିକ୍ସାରୁ ଓହ୍ଲାଇବା ପରେ ସେହି ଭଦ୍ରମହିଳା ଖଣ୍ଡେ କାଗଜରେ ନିଜର ଠିକଣା ଲେଖି ଆସନ୍ତା କାଲି ତାଙ୍କ ଘରକୁ ଆସିବା ପାଇଁ କହନ୍ତି।

ଠିକଣାରେ ଲେଖାଥିବା ନାମ ଦେଖି ମନୋରଞ୍ଜନଙ୍କ ଦୁଇ ଆଖିରୁ ଝରଝର ଲୁହ ଗଡ଼ିପଡ଼େ। ସେହି ଭଦ୍ର ମହିଳା ହେଉଛନ୍ତି ମହାନ୍ ଲେଖିକା ମହାଶ୍ୱେତା ଦେବୀ। ସେ ମହାଶ୍ୱେତା ଦେବୀଙ୍କ ପାଦ ଛୁଇଁ ପ୍ରଣାମ କରନ୍ତି। ତା'ପରେ ନିୟମିତ ମହାଶ୍ୱେତା ଦେବୀଙ୍କ ଘରକୁ ଯାଆନ୍ତି। ମନୋରଞ୍ଜନଙ୍କ ପାଇଁ ନିଜର ଲାଇବ୍ରେରୀ ଖୋଲି ଦିଅନ୍ତି ମହାଶ୍ୱେତା ଦେବୀ। ମହାଶ୍ୱେତା ଦେବୀ ମନୋରଞ୍ଜନଙ୍କୁ ତାଙ୍କର ଜୀବନ କଥା ନିଜ ଭାଷାରେ ଲେଖି ଆଣିବା ପାଇଁ କହନ୍ତି। କେବେ କିଛି ଲେଖି ନ ଥିବା ରିକ୍ସାବାଲା ମନୋରଞ୍ଜନ ନିଜ ଭାଷାରେ ନିଜର ଜୀବନ କାହାଣୀ ଲେଖନ୍ତି।


ପ୍ରଦୀପ କୁମାର ରାୟ

ମନୋରଞ୍ଜନଙ୍କ ଲେଖକ ଜୀବନର ଶୁଭାରମ୍ଭ ହୁଏ। ମହାଶ୍ୱେତା ଦେବୀ ତାଙ୍କର 'ବର୍ତ୍ତିକା' ପତ୍ରିକାରେ ନିୟମିତ ମନୋରଞ୍ଜନଙ୍କ ଲେଖା ପ୍ରକାଶ କରନ୍ତି। ବିଖ୍ୟାତ ଲେଖକରେ ରୂପାନ୍ତରିତ ହୋଇଯା'ନ୍ତି ମନୋରଞ୍ଜନ। ଏକାଡେମୀ ପୁରସ୍କାର ସହିତ ଅନେକ ଜାତୀୟ ସ୍ତରର ପୁରସ୍କାର ପ୍ରାପ୍ତ ମନୋରଞ୍ଜନଙ୍କର ଏଯାବତ୍ ୧୮ ଖଣ୍ଡ ବହି ପ୍ରକାଶ ପାଇ ଅନେକ ଭାରତୀୟ ଭାଷା ସହିତ କେତୋଟି ବିଦେଶୀ ଭାଷାରେ ମଧ୍ୟ ଅନୂଦିତ ହୋଇସାରିଛି।


ମହାଶ୍ୱେତା ଦେବୀଙ୍କ ସହ ମନୋରଞ୍ଜନ...

ପଶ୍ଚିମବଙ୍ଗରେ ଜୀବିକା ଅଭାବରୁ ମନୋରଞ୍ଜନ ଚାଲିଯାଆନ୍ତି ସୁଦୂର ଛତିଶଗଡ଼ର ଦଣ୍ଡକାରଣ୍ୟ ଅଞ୍ଚଳକୁ। ସେଠି ତାଙ୍କର ପରିଚୟ ହୁଏ ଭାରତର ମହାନ୍ ମାନବବାଦୀ ନେତା ଶଙ୍କର ଗୁହ ନିୟୋଗୀଙ୍କ ସହିତ। ନିୟୋଗୀଙ୍କ ଆଦର୍ଶ ତାଙ୍କ ଜୀବନକୁ ଭିନ୍ନ ଭାବରେ ଗଢ଼ିତୋଳେ। ନିୟୋଗୀଙ୍କ ଅଧୀନରେ ଦଣ୍ଡକାରଣ୍ୟରେ ଦଳିତ ଆଦିବାସୀମାନଙ୍କ ପାଇଁ ସେ କାମ କରନ୍ତି। ଆଦିବାସୀଙ୍କ ପ୍ରିୟ ନେତା ନିୟୋଗୀଙ୍କ ହତ୍ୟା ପରେ, ବିକ୍ଷୁବ୍ଧ ମନ ନେଇ ଫେରି ଆସନ୍ତି କଲକାତା। ନାନା ଧରଣର କାମ କରି ପେଟ ପୋଷୁଥିବା ଏହି ମେହେନତୀ ମଣିଷ ତଥା ବ୍ୟତିକ୍ରମୀ ଲେଖକ ବର୍ତ୍ତମାନ ଏକ ମୂକ ବଧିର ଆବାସିକ ବିଦ୍ୟାଳୟ 'ହେଲେନ୍ କେଲାର୍ ଇନ୍‌ଷ୍ଟିଚ୍ୟୁଟ୍'ରେ ରୋଷେଇଆ କାମ କରି ପେଟ ପୋଷିବା ସହ ସୃଜନ ଭିତରେ ବୁଡ଼ି ରହିଛନ୍ତି।

ତାଙ୍କର ବହୁଚର୍ଚ୍ଚିତ ଆତ୍ମଜୀବନୀ 'ଇତିବୃତ୍ତେ ଚଣ୍ଡାଳ ଜୀବନ' ବଙ୍ଗଳା ଭାଷାରେ ଚହଳ ପକାଇଦିଏ, ଫଳତଃ ବିଭିନ୍ନ ଭାରତୀୟ ଭାଷାରେ ଏହା ଅନୂଦିତ ହେବା ସହ କେତୋଟି ବିଦେଶୀ ଭାଷାରେ ମଧ୍ୟ ଅନୁବାଦ ହୋଇ ସାରିଛି। ଏଇମାତ୍ର ଏକମାସ ତଳେ ପଶ୍ଚିମବଙ୍ଗ ସରକାର ମନୋରଞ୍ଜନଙ୍କୁ 'ବଙ୍ଗଳା ଦଳିତ ସାହିତ୍ୟ ଏକାଡେମୀ'ର ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ମନୋରଞ୍ଜନଙ୍କ ସମ୍ପର୍କରେ ମହାଶ୍ୱେତା ଦେବୀ କହନ୍ତି- "ମନୋରଞ୍ଜନ ବ୍ୟାପାରୀ ମୋର ଅନେକ ବର୍ଷରୁ ପରିଚିତ ସେହି ଲେଖକ, ଯାହାଙ୍କୁ ମୁଁ ଲେଖକ ହୋଇ ଉଠିବା ବେଳରୁ ହିଁ ଦେଖିଛି। ଜନ୍ମ ସୂତ୍ରେ ବା ପରିବାର ସୂତ୍ରେ ଯାହାଙ୍କର ପରିଚିତି ନାହିଁ,




ତାଙ୍କ ପକ୍ଷେ ନିଜେ ନିଜର ପରିଚୟ ଗଢ଼ିତୋଳିବା ଅସମ୍ଭବ, ମାତ୍ର ମନୋରଞ୍ଜନ ତହିଁରେ ବ୍ୟତିକ୍ରମ।"

ମନୋରଞ୍ଜନଙ୍କ ସମ୍ପର୍କରେ ବଙ୍ଗଳାର ବିଶିଷ୍ଟ କବି ଶଙ୍ଖ ଘୋଷ କହନ୍ତି- 'ଇତିବୃତ୍ତେ ଚଣ୍ଡାଳ ଜୀବନ' ପଢ଼ି ମନ ଭିତରେ ମୋର ବିଦ୍ୟୁତ୍ ଚମକ ଖେଳିଗଲା। ଆଘାତରେ ଓ ଦୀପ୍ତିରେ ପରିପୂର୍ଣ୍ଣ ଏଭଳି ଖଣ୍ଡେ ବହି ଲେଖିଛନ୍ତି ସମାଜର ଜଣେ ଅବହେଳିତ ମଣିଷ, ଲେଖିଛନ୍ତି ନିଜ କଟୁ ଅଥଚ ଅପରାଜେୟ ଅଭିଜ୍ଞତାର କାହାଣୀ। ତଥାକଥିତ ଭଦ୍ର ସମାଜର ପରିଚିତି ବାହାରେ ଯେଉଁ ଅନନ୍ୟ ଶକ୍ତିଶାଳୀ ସାହିତ୍ୟ-ଧାରା ଜନ୍ମ ନେବାକୁ ବସିଛି- ମନୋରଞ୍ଜନ ବ୍ୟାପାରୀ ତହିଁର ଏକ ବଳିଷ୍ଠ ନଜିର।

ମୋ: ୯୪୩୭୫୩୪୭୭୩

## ପୁସ୍ତକ ପରିଚୟ

### ଚନ୍ଦ୍ର ଦର୍ପଣ




**କବି:** ତୁହିନାଂଶୁ ରଥ
**ପ୍ରକାଶକ:** ପ୍ରଗତି, ବାଦାମବାଡ଼ି, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୩୦/-

ମୋଟ ୩୬ଟି କବିତାକୁ ନେଇ 'ଚନ୍ଦ୍ର ଦର୍ପଣ'ର କଳେବର କଳ୍ପିତ ଏବଂ ଶେଷ କବିତାଟି ବହିର ଶିରୋନାମ। ତୁହିନାଂଶୁଙ୍କ କବିତାରେ ଏକ ନିମଜ୍ଜନ ଥାଏ, ଯାହା ପାଠକକୁ ନିଜ ଆତ୍ମୋପଲବ୍ଧି ସହ ଯୋଡ଼ିଦିଏ। ସହଜ ଭାଷାରେ ଜଟିଳତମ ଅନୁଭୂତିକୁ ହୃଦୟବେଦ୍ୟ କରିଦିଏ କବିଙ୍କ କବିତା, ଯାହାର ପ୍ରମାଣ ଆମେ ଆଲୋଚ୍ୟ କାବ୍ୟଗ୍ରନ୍ଥରୁ ପାଇପାରିବା। ୧. "ଫଗୁଣ ଆସିଲେ/ ଭାରି ହାଲୁକା ଲାଗେ।/ ଲାଗେ, ମୁଁ ଯେମିତି ମୁଠାଏ ଅବିର/ କେଉଁ ମେଳଣର।" (ଫଗୁଣ ଆସିଲେ, ପୃ: ୬୩), ୨. "କେତେ ଦିନର ଏ ଜୀବନଯେ/ ସବୁବେଳେ ମପାଚୁପା ସଂସାରର/ ସହରୀ ହିସାବ ଭିତରେ/ ବନ୍ଦୀ ହୋଇ ରହିଥିବି!/ ଏଥର ଫେରିଆସିବି ଗାଁକୁ।" (ଶ୍ରାବଣରେ ଫେରିବି ଗାଁକୁ, ପୃ: ୮୬)। ବହିରେ ସ୍ଥାନିତ ବହୁ କବିତାରେ ଦୈନନ୍ଦିନତା ଭିତରୁ କବି ଖୋଜିଛଂତି ବଂଚି ରହିବାର ପରମାର୍ଥ। ଏଥିରେ ଅଛି ପୁଣି ଏମିତି ଗୋଟିଏ ଗୋଟିଏ ଧାଡ଼ି, ଯାହାର ଅଡୁଆ ଖୋଲୁଖୋଲୁ ବେଳ ଗଡ଼ିଯାଏ, ତଥାପି ଲାଗେ ବାକି ରହିଗଲା ଆଉ କିଛି ବୁଝିବା। ଯଥା: "ତୁମେ ତ ସବୁବେଳେ ମୋ' ପାଇଁ/ ଦରବୁଝା ଆକାଶ ଚେନାଏ।" (ଦେଖାହେଲେ କହିବି ତୁମକୁ)। ଗ୍ରନ୍ଥାରମ୍ଭରେ ଥିବା ନିବନ୍ଧଟି ଉଚ୍ଚକୋଟୀର, ହେଲେ ବହିରେ ଥିବା କବିତା ସହ ତା'ର ସଂପର୍କ ଖୁବ୍ ପରୋକ୍ଷ।

### ଲଲାଟେନ୍ଦୁଙ୍କ ଗଳ୍ପ ଶତକ




**ଲେଖକ:** ଡ. ଲଲାଟେନ୍ଦୁ ସାହୁ
**ପ୍ରକାଶକ:** ତୀର ତରଙ୍ଗ, ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୫୦/-

ଛୋଟଛୋଟ ଅନେକ ଗଳ୍ପର ଏକ ମନୋହର ଚାଂଗୁଡ଼ି ଏ ବହିଟି। 'ରାଜା ହେବେ ନାହିଁ ତ କରିବେ କ'ଣ', 'ଭଗବାନ୍ ବି କାମରେ ଆସନ୍ତି', 'କରୋନା ପୀଡ଼ିତ ଗଧ', 'ଗଧ ଉପରେ ଆୟକର ଚଢ଼ଉ', 'ଗଧର ଭଗବାନ୍ ଦର୍ଶନ', 'ଲାଫିଙ୍ଗ୍ ବୁଦ୍ଧ କାନ୍ଦିଲେ', 'କଚରାବାଲା', 'ଭଡ଼ାଟିଆ ବାଘ', 'ସ୍ତ୍ରୀ ଅଦଳ-ବଦଳ', 'କାମବାଲି', 'ସର୍ବଗିଳା ମେହେନ୍ତର' ଓ 'ସୌଭାଗ୍ୟ ଆଣୁଥିବା ବିପର୍ଯ୍ୟୟ' ଆଦି ଗଳ୍ପର ଶିରୋନାମରେ ଯେଉଁ ଚମକପ୍ରଦତା ରହିଛି, ତାହା ପାଠକକୁ ଗପଗୁଡ଼ିକ ପଢ଼ିବାକୁ ବିବଶ କରାଏ। ଗଳ୍ପଗୁଡ଼ିକର ପ୍ରସଙ୍ଗ ଅନେକତ୍ର ଲଘୁ ଓ ହାସ୍ୟୋଦ୍ଦୀପକ। ଶିରୋନାମରୁ ଗଳ୍ପର ପ୍ରସଙ୍ଗ ଅନ୍ଦାଜ କରିବା ଭୁଲ୍ ସାବ୍ୟସ୍ତ ହୁଏ ଗପଟି ପଢ଼ି ସାରିବା ପରେ। 'ସ୍ତ୍ରୀ ଅଦଳ-ବଦଳ' ପରି ଗପ ଏହାର ଉଦାହରଣ। ଗଳ୍ପର ଭାଷା ଜୀବନର ଚଳନ୍ତି ଭାଷା। ଓଡ଼ିଆ ଭାଷାରେ ଏପରି ଗଳ୍ପ କ୍ୱଚିତ୍ ସୁଲଭ, ଯାହାକୁ ଛୋଟଛୋଟ ଅବକାଶରେ ପଢ଼ି ଜଂଜାଳ ଭାରାକ୍ରାଂତ ମନକୁ ହାଲୁକା କରିହେବ। ଆଜିକାଲିର ସମୟ ପାଇଁ ଗଳ୍ପଗୁଡ଼ିକର ଉପଯୋଗିତା ରହିଛି। ମଣିଷର ପରିହାସପ୍ରବଣତାକୁ ଯେ ସାହିତ୍ୟର ପୁଞ୍ଜି କରାଯାଇପାରେ, ଏ ପରୀକ୍ଷାରେ ଲଲାଟେନ୍ଦୁଙ୍କ ଗଳ୍ପ ଉତ୍ତୀର୍ଣ୍ଣ ମନେହୁଏ।

## କାଳକାଳକୁ



"ଜଣେ ଜ୍ଞାନୀ ମଣିଷ ପରି ଚିନ୍ତା କର, କିନ୍ତୁ ଲୋକଙ୍କ ଭାଷାରେ ତାକୁ ବ୍ୟକ୍ତ କର।"
– ଡବ୍ଲ୍ୟୁ.ବି. ୟେଟ୍‌ସ

**ଉଇଲିୟମ୍ ବଟ୍‌ଲର ୟେଟ୍‌ସ** (W.B. Yeats)ଙ୍କ ଜନ୍ମ ୧୩ ଜୁନ୍ ୧୮୬୫ରେ ଆୟର୍ଲାଣ୍ଡର ସ୍ୟାଣ୍ଡିମାଉଣ୍ଟରେ ଓ ପରଲୋକ ଫ୍ରାନ୍ସର କ୍ୟାନ୍‌ସରେ ୨୮ ଜାନୁୟାରୀ ୧୯୩୯ରେ । ବିଂଶ ଶତକର ସାହିତ୍ୟରେ ଜଣେ ଛାମୁଆ କବି ଭାବେ ପରିଗଣିତ ୟେଟ୍‌ସଙ୍କର ପ୍ରସିଦ୍ଧ ରଚନା ମଧ୍ୟରେ ରହିଛି– 'The Second Coming' (୧୯୨୦) – 'A Vision' (୧୯୨୫), 'Sailing to Byzantium' (୧୯୨୮)। ଜଣେ ନାଟ୍ୟକାର ଓ ଗଦ୍ୟ ଲେଖକ ଭାବେ ତାଙ୍କର ଖ୍ୟାତି ଅପରିସୀମ। ତାଙ୍କ ସଦା ପ୍ରଭାବୀ କବିତାରେ ରୂପ ପାଇଥାଏ ସମଗ୍ର ଜାତିର ଆତ୍ମା ଉଚ୍ଚାଙ୍ଗ କଳାତ୍ମକ ଭାଷାରେ, ଯେଉଁଥିପାଇଁ ୧୯୨୩ରେ ସେ ପାଇଥିଲେ ସାହିତ୍ୟର ଶ୍ରେଷ୍ଠତମ ସ୍ୱୀକୃତି ନୋବେଲ ପୁରସ୍କାର। ସେ କହିଥିଲେ– "ଯାହା ତର୍ଜମାଯୋଗ୍ୟ, ତାହା କବିତା ନୁହେଁ।"

## କବିତା

### ତୋ' ପ୍ରେମରେ ମୁଁ ସାରାକାଳ ମୋ' ଦେଶ

ଦେବଯାନୀ ତ୍ରିପାଠୀ

ତୋତେ ଫରଫର ମୋ' ଛାତିରେ ଉଡ଼େଇଛି ମୋ' ଦେଶ
ମୋ' ଧମନୀରେ ବହୁଥିବା ରକ୍ତରେ ତୁ'
ଦୂରରେ ରହି ବି କେବେ ତୋ'ଠାରୁ ଦୂର ହୋଇପାରିନି ମୁଁ
ଯେତେ ଦୂରରୁ ଦୂରକୁ ଯାଇଛି
ସେତେସେତେ ପାଖରେ ତୋତେ ପାଇଛି

ଏଠି ଆକାଶ ଯେବେ ଟିକେ ବର୍ଷିଯାଏ
ମାଟି ପାଣି ପବନରେ ତୋ' ବାସ୍ନା ଥାଏ
ତୋ' ଦେହର ବାସ୍ନା ଏମିତି ଘାରେ
ମନହୁଏ ଲୁଚି ଯା'ନ୍ତି ଯାଇ ତୋ' କୋଳରେ
ବେଳେବେଳେ ତୁ' ସ୍ୱପ୍ନରେ ଆସୁ
ଛାତି ଭିତରଟା କାଇଁ କେଜାଣି ରକ୍ କରିଯାଏ

ଏଠି ସୁନା ବିଛା ହେଇଛି ରାସ୍ତାରେ
ବଡ଼ବଡ଼ କୋଠାବାଡ଼ି ଶପିଂ ମଲ୍
ବଡ଼ବଡ଼ ଲୋକଙ୍କ ବଡ଼ବଡ଼ ସ୍ୱପ୍ନ
କେତେ ପରପର ଲାଗେ ସବୁ!

ତୋ' ଦୁଃଖ ଦୁର୍ଦ୍ଦିନ କଷ୍ଟରେ ମୁଁ ନ ଥାଏ
ମୋ' ସ୍ୱପ୍ନର ମହଲରେ ମୋ' ସ୍ୱପ୍ନରେ ମୁଁ ବଞ୍ଚୁଥାଏ
କିନ୍ତୁ ଆଖିରେ କାହିଁକି ନିଦ ନ ଥାଏ କହ ତ
କଡ଼ ଲେଉଟିଲେ ତୋ' ମୁହଁ ଇ ଦିଶିଯାଏ

ଜାଣେ ତୁ' ନ ଥାଇ ବି ଥାଉ
ହାତ ଠାରି ଡାକୁଥାଉ ଅନବରତ
ଫେରିବି ଫେରିବି ବୋଲି ଫି' ଥର ମନକୁ ବୁଝାଏ
ନା ମୁଁ ଫେରିପାରେ, ନା ତୋତେ ଭୁଲିହୁଏ
ତୁ' ମୋ' ନିଃଶ୍ୱାସରେ ଅଟକି ରହିଥାଉ ସାରାକାଳ
କହ ତ ଏ ପ୍ରେମ ନୁହେଁ ତ ଆଉ କ'ଣ ?

ସେମାନେ କ'ଣ ବୁଝନ୍ତି
ଯେଉଁମାନେ ମୋତେ ଦେଶପ୍ରେମର ପ୍ରମାଣପତ୍ର ମାଗନ୍ତି!

– ୨୬୩୦, ହାଲନ୍ ଷ୍ଟ୍ରୀଟ୍, ଆଇଡାହୋ
ଯୁକ୍ତରାଷ୍ଟ୍ର ଆମେରିକା

### ମୋହ

ଅଶୋକ କୁମାର ମଲ୍ଲ

ଗୀତି-କବିତା

ହେ ମୋର ବଂଶୀ ! ବିଳାପ ତୁମର
ବାହୁଡ଼ା ବେଳର ବେଡ଼ି
ଶିଆଳି ଶେଯର ଶେଷ ସୁଖ ପାଇଁ
ବେଳ ମାତ୍ର ଦୁଇଘଡ଼ି।
ନୀରବ ହୁଅହେ ! ନିଃସ୍ୱ ମୁଁ
ଏକ ନମ୍ର ନେହୁରା ନିଅ
ଆଜି ଏ ବିଦାୟୀ, ଶେଷ ସୂର୍ଯ୍ୟକୁ
ଦେଖିବାକୁ ଟିକେ ଦିଅ !

ସରିନି ବିଳାପ ପ୍ରିୟଙ୍କ ପ୍ରଳାପ
ଶେଷ ଏ ପହଡ଼ ପାଇଁ
ଅଦେଖା ଲୁହର ଲୀଳାବତୀ ଲିପି
ଲଲାଟରୁ ଯିବ କାହିଁ !
ବିଶ୍ୱାସ ଭୂଇଁ ବାଲିଚର ମୋର
ଟିକେ ଯାଇ ବୁଲି ଆସ
ହୁଏତ କେଉଁଠି ଲୁଚି ରହିଥିବ
ବାଲିତଳେ ପୋଷେ ଶ୍ୱାସ !

ଏ ପୃଥିବୀ ଭାରି ପ୍ରିୟତମ ମୋର
ହେଉ ପଛେ ପ୍ରହେଳିକା
ଝଡ଼ ଲେଉଟାଣି ଝୁମ୍ପୁଡ଼ି ଝୁରିବ
ଜୀବନ ଯେ ତାଳିପକା।
ଜୀବନ ଜଟିଳ ଗହନ ଗଣିତ
ସମୟର ଛାତି ଚିରି
କେତେ ଯେ କାହାଣୀ ପଉଷ ପତ୍ରର
ପିଠିରେ ଯାଇଛି ଫେରି।

ଶୁଣ ହେ ବଂଶୀ ! ବାହୁନା ତୁମର
ବିବଶ ନ କରୁ ମୋତେ
ଆଉଥରେ ଅନ୍ଧ ନଈଟି ପରି ମୁଁ
କୂଳ ଲଂଘିଯା'ନ୍ତି ସତେ !

– ତ୍ରିନାଥ ଛକ, ନୟାଗଡ଼

## ନୟନତାରା

ଗଳ୍ପ


ଅନସୂୟା ପଣ୍ଡା

"ତାରା ! ତୁମେ, ତୁମେ ଏଠି ? ତେବେ କ'ଣ ତୁମେ ପୂଜ୍ୟା ଗାୟତ୍ରୀ ଦେବୀ ?" ଅଜାଣତରେ ଶୁଭେନ୍ଦୁ ଏତକ କହିପକାଇଥିଲେ। ପାରିପାର୍ଶ୍ୱିକ ପରିସ୍ଥିତିକୁ ମଧ୍ୟ ସେ ଭୁଲି ଯାଇଥିଲେ। ଆଶ୍ଚର୍ଯ୍ୟ ହୋଇ ଅନାଇଥିଲେ ଶୁଭେନ୍ଦୁ, ବୟସର ଆଦ୍ୟ ଅପରାହ୍ଣରେ ବି ସେମିତି ତରୁଣୀସୁଲଭ ମୁଖମଣ୍ଡଳ। କିଛି ବି ତ ପରିବର୍ତ୍ତନ ହୋଇନି ତାଙ୍କ 'ତାରା'ର। ଖାଲି ରଙ୍ଗିନ୍ ବସ୍ତ୍ର ପରିବର୍ତ୍ତେ ଗୈରିକ ବସ୍ତ୍ର ଦେହରେ, ଚୁଲ୍‌ବୁଲି ଝରଣା ପରି ଅନର୍ଗଳ କଥା କହୁଥିବା ତାଙ୍କ ପ୍ରେମିକା ଆଜି ଖୁବ୍ ଶାନ୍ତ ସାଧିକା ହୋଇଯାଇଛି।

ଶୁଭେନ୍ଦୁ ଟିକେ ଥମିଗଲେ, "କେମିତି ଦିଶୁଛି ତାଙ୍କ ମୁହଁଟି ? ଦର୍ପଣଟିଏ ପାଖରେ ଥାଆନ୍ତା କି ! ଆଗରୁ ଜାଣିଥିଲେ ସେ ନିଶ୍ଚେ ନିଜକୁ ଖୁବ୍ ଯତ୍ନରେ ସଜାଡ଼ି କରି ଆସିଥାଆନ୍ତେ। ହେଲେ ସେ, ସେ ଆଜି ତାଙ୍କ ଯୌବନ ସମୟର ନାୟିକା, ତାଙ୍କ ମନର ମାନସୀ 'ତାରା' ନୁହେଁ, ହରିଦ୍ୱାରରୁ ଆସିଥିବା ପ୍ରବଚିକା ସାଧ୍ୱୀ ଗାୟତ୍ରୀ ଦେବୀଙ୍କ ପାଖକୁ ଆସିଛନ୍ତି, ନିଜ ମାନସିକ ଅଶାନ୍ତିର ସମାଧାନ ଉପାୟ ପାଇଁ।"

ଏକ ପରିପୂର୍ଣ୍ଣ ଜୀବନରେ, ଏତେ ପାଇବା ଭିତରେ କିଛି ହରାଇବାର ଏକ ଅଶାନ୍ତବୋଧ ଶୁଭେନ୍ଦୁଙ୍କୁ ଝୁଣି ଖାଉଥିଲା। ସତେଯେମିତି ସେ କାହାର ଜଣେ ଅପରାଧୀ, କାହାର କିଛି ମୂଲ୍ୟବାନ୍ ଜିନିଷଟି ତାଙ୍କ ପାଖରେ ରହିଯାଇଛି, ସେ ଆଜିଯାଏ ଫେରାଇ ନାହାନ୍ତି।

ଆଜିର 'ଦୈନିକ' ଖବରକାଗଜରୁ ହରିଦ୍ୱାରରୁ ଆସିଥିବା ସାଧିକା ଗାୟତ୍ରୀ ଦେବୀ, ଯିଏ ଜୀବନର ଅନ୍ୟାନ୍ୟ ସମସ୍ୟା ସମାଧାନର ବାଟ ଦେଖାଉଛନ୍ତି, ତା' ସହ ମାନସିକ ଶାନ୍ତିର ଉପାୟ ମଧ୍ୟ ବତାଉଛନ୍ତି, ପଢ଼ି ସେ ଫୋନ୍ ଲଗାଇଥିଲେ। ତାଙ୍କ ସହ ଏକାନ୍ତରେ ଭେଟିବାର ସୁଯୋଗ ମଧ୍ୟ ଖୁବ୍ ଶୀଘ୍ର ପାଇଯାଇଥିଲେ। ଭାବିଲେ ସାକ୍ଷାତ୍‌କାର ପରେ ପ୍ରବଚନ ଶୁଣି ଘରକୁ ଫେରିବେ।

ହୋଟେଲ ପ୍ରକୋଷ୍ଠ ଭିତରେ ଧ୍ୟାନମୁଦ୍ରାରେ ବସିଥିବା ଗାୟତ୍ରୀ ଦେବୀ ହଠାତ୍ ଶୁଭେନ୍ଦୁଙ୍କୁ ଏତେଦିନ ପରେ ସାମ୍ନାରେ ଦେଖି ଟିକେ ବିଚଳିତ ହୋଇଯାଇଥିଲେ। ଯେମିତି ଆଜି ଓ ସେଦିନ ଭିତରର ସମୟ ସବୁ ଖୁବ୍ ଶୀଘ୍ରଶୀଘ୍ର ଚଳଚ୍ଚିତ୍ରର ପରଦା ପରି ପଛକୁ ଫେରି ଚାଲିଥିଲା।

ଏକାଠି ଛୋଟବେଳୁ ସ୍କୁଲ, ତା'ପରେ କଲେଜରେ ପଢୁଥିବା, ସାଙ୍ଗ ହୋଇ ପିଲାବେଳୁ ଖେଳୁଥିବା ଶୁଭେନ୍ଦୁ ଓ ତାରା ନିଜ ଅଜାଣତରେ ଭଲ ପାଇ ବସିଥିଲେ। ଭଲପାଇବା ଜିନିଷଟା ଏମିତି, କେତେବେଳେ ହୋଇଯାଏ ଜଣାପଡ଼େନି। ମନ ଗହନର କଥା କ'ଣ ବାହାରକୁ ଶୁଣାଯାଏ ? କେବଳ ଚୁପ୍‌ଚାପ୍ ଘଟିଯାଏ। ଶୁଭେନ୍ଦୁ ଓଏଏସ୍ ପାଇ ଟ୍ରେନିଂ ପରେ ନୂଆନୂଆ ଚାକିରିରେ ଯୋଗ ଦେଇଥା'ନ୍ତି। ତାରା ତାଙ୍କ ଗାଁ ପାଖ ସ୍କୁଲରେ ବି.ଏଡ୍. ପରେ ପାଠ ପଢ଼ାଉଥାଏ।

ଝିଅ ବଡ଼ ହୋଇଗଲେ ଯେମିତି ବାପା ମା'ଙ୍କର ଚିନ୍ତାର ବୋଝ ମାଡ଼ିପଡ଼େ। ଝିଅ ଘିଅ, ସମୟ ଥାଇ ବାହା ନ ଦେଲେ କଥାଟା ଦାଣ୍ଡକୁ ଅସୁନ୍ଦର ହୋଇଯାଏ। ତା' ପାଇଁ ଆସୁଥିବା ବାହାଘର ପ୍ରସ୍ତାବକୁ ତାରା କିଛି ନା କିଛି କାରଣ ଦେଖାଇ ଟାଳି ଦେଉଥିଲା। ବାପା ବ୍ୟସ୍ତ ହେଉଥିଲେ। ତାରାର ବୋଉଠାରୁ ଯେଉଁଦିନ ସେ ତାରା ଓ ଶୁଭେନ୍ଦୁଙ୍କ ଭଲପାଇବା ବିଷୟରେ ଜାଣିଲେ, ତା' ବାପା ତାରାକୁ ତାଗିଦ୍ ନୁହେଁ ବୁଝାଇଥିଲେ, "ମା'ରେ ବଡ଼ ଲୋକଙ୍କ ପାଇଁ ଭଲ ପାଇବାଟା ଆମ ଗରିବଙ୍କ ପରି ବେଦରଗାର ନୁହେଁ, ଏକ ଖେଳଘର ପରି। ଶୁଭେନ୍ଦୁର ବାହାଘର ଜଣେ ବିତ୍ତଶାଳୀ ବ୍ୟବସାୟୀଙ୍କ ଏକମାତ୍ର ଝିଅ ସହ ଠିକ୍ ହୋଇସାରିଛି। ଏକଥା ବୋଧେ ତୁ ଜାଣିନୁ।"

ବାପାଙ୍କ କଥାକୁ ବିଶ୍ୱାସ କରି ନ ଥିଲା ତାରା। ତା' ଶୁଭେନ୍ଦୁ ତାକୁ କେବେ କିଛି ବି ଲୁଚାଇ ନାହାନ୍ତି। ତାକୁ ନ ପଚାରି କେବେ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। "ତେବେ କ'ଣ ବାପା ମିଛ କହୁଛନ୍ତି, ନା ଶୁଭେନ୍ଦୁ ଏକଥା ତାକୁ ଲୁଚାଇଛନ୍ତି ?" ଶୁଭେନ୍ଦୁଙ୍କ ପଦସ୍ଥ ପିତାଙ୍କ ଅଧୀନରେ ତା'ର



ବାପା କାମ କରନ୍ତି, ବୋଧହୁଏ ବାପା କିଛି ଭୁଲ ଶୁଣିଥିବେ।

ନା ବାପା ଠିକ୍ କହୁଥିଲେ, ଶୁଭେନ୍ଦୁ ତାକୁ ନ ଜଣାଇ ବିବାହ ମଧ୍ୟ କଲେ। ନିଜ ଭିତରର ସେ ଅସ୍ଥିରତାକୁ ବାହାରେ ପ୍ରକାଶ କରିବାକୁ ନ ଦେଇ ଖୁବ୍ ଚୁପ୍ ହୋଇ ଯାଇଥିଲା ତାରା। ଯେମିତି ଜଣେ ପ୍ରାଣହୀନ ମଣିଷ ଯନ୍ତ୍ରବତ୍ ସବୁ କରୁଛି, ହେଲେ ନିଜ ଭିତରେ ଉତ୍ସାହ ନାହିଁ।

"ସତେ କ'ଣ ଖୁସି ହୋଇ ପାରୁଛନ୍ତି ଶୁଭେନ୍ଦୁ ତା' ବିନା, ଅନ୍ୟ ଏକ ନାରୀକୁ ଜୀବନରେ ପାଇ ସେ କ'ଣ କେବେ ତାକୁ ହରାଇବାର ଅଭାବବୋଧ କରୁନାହାନ୍ତି ?"

'ତାରା'ର ବାହାଘର ମଧ୍ୟ ଠିକ୍ ହୋଇ ଯାଇଥିଲା, ମାତ୍ର ତାରା ବାହାଘର ପୂର୍ବରୁ ସବୁକିଛି ଛାଡ଼ିଦେଇ କେଉଁଆଡ଼େ ଉଭାନ୍ ହୋଇଯାଇଥିଲା। ଗୁଜବ ଉଠିଥିଲା ସେ କୁଆଡ଼େ ତା' ପ୍ରେମିକ ସହ ପଳାଇ ଯାଇଥିଲା।

ହରିଦ୍ୱାରରେ ସେ ଅଶାନ୍ତ ତାରାକୁ ଶାନ୍ତ, ସାଧ୍ୱୀ ଗାୟତ୍ରୀ ଦେବୀ ହେବାକୁ ଖୁବ୍ କିଛି ବର୍ଷ ଲାଗିଥିଲା। ସେ ପବିତ୍ର ପରିବେଶରେ, ତାରା ତା' ମନଟାକୁ ମନେଇ ନେଇଥିଲା। ହେଲେ ଆଜି ଏତେବର୍ଷ ପରେ ପୁଣି ସେଇ ହଇଚଇ...। ପାଖରେ ଥିବା ତାଙ୍କ ସହଯୋଗୀମାନଙ୍କୁ ପ୍ରକୋଷ୍ଠ ଛାଡ଼ିବାକୁ ସଙ୍କେତ ଦେଲେ ଗାୟତ୍ରୀ ଦେବୀ।

"ତାରା, ମୁଁ ତୁମର ଦୋଷୀ। ମୋତେ କ୍ଷମାକର। ମୁଁ ବାପା ବୋଉଙ୍କ କଥା ଆଗରେ ସେଦିନ ଚୁପ୍ ରହିଗଲି ସିନା, ହେଲେ ସ୍ତ୍ରୀଙ୍କର ଏତେ ଭଲପାଇବା ପାଇ ମଧ୍ୟ ମୁଁ ତୁମକୁ କେବେ ବି ଭୁଲିପାରିନି, କି ଖୁସି ମଧ୍ୟ ହୋଇପାରିନି।" ଖୁବ୍ ଭାବପ୍ରବଣ ହୋଇ ଯାଉଥିଲେ ଶୁଭେନ୍ଦୁ।

"ଜୀବନରେ ବ୍ୟକ୍ତି, ପରିସ୍ଥିତି ବିନା କାରଣରେ ନୁହେଁ, କିଛି ନା କିଛି ମହାନ୍ ଉଦ୍ଦେଶ୍ୟ ନେଇ ଆସିଥାଏ। ଆଉ ମୁଁ ସବୁ ପରିସ୍ଥିତି ଓ ବ୍ୟକ୍ତିଙ୍କୁ ସମ୍ମାନ କରେ। ତୁମେ ସୁଖୀ ହୁଅ।" ନୀରବତା ଭାଙ୍ଗି କହିଲେ ଗାୟତ୍ରୀ ଦେବୀ।

ଏକ ଶାନ୍ତ ବାତାବରଣ ଖେଳିଗଲା ସେ ପ୍ରକୋଷ୍ଠରେ। ସତେଯେମିତି ଏଇ କୁହୁକ କଥା ପଦକ ଶୁଭେନ୍ଦୁଙ୍କର ସବୁ ଅସ୍ଥିର ମନକୁ କୋମଳ ଭାବେ ଛୁଇଁଗଲା, ଯେମିତି ପଚିଶବର୍ଷ ତଳେ ତାଙ୍କ ମନ ଆକାଶର ତାରା, ତାଙ୍କ ନୟନର ତାରା ତାଙ୍କ ହୃଦୟକୁ ଛୁଇଁ ଦେଇଥିଲା।

"ସମୟ ହେଲେ ଘରଆଡ଼େ ଆସିବ ?" ଆଶାୟୀ ହୋଇ ପଚାରିଲେ ଶୁଭେନ୍ଦୁ। ମୃଦୁ ହସରେ ନାସ୍ତିବାଚକ ଉତ୍ତର ଦେଲେ ପୂଜ୍ୟା ଗାୟତ୍ରୀ ଦେବୀ। ଖୁବ୍ ହାଲୁକା ହୋଇ ହୋଟେଲର ସେ ପ୍ରକୋଷ୍ଠ ଭିତରୁ ବାହାରି ଆସିଲେ ଶୁଭେନ୍ଦୁ। ସନ୍ଧ୍ୟାରେ ପ୍ରବଚନ ଶୁଣିବାକୁ ଆଉ ମନ ନ ଥିଲା। ଏକ ଅସୀମ ଶାନ୍ତିର ଢେଉ ଲହଡ଼ି ଭାଙ୍ଗୁଥିଲା ତାଙ୍କ ମନରେ, ସତେ ଯେମିତି ତାଙ୍କ ପ୍ରେମିକାର ମିଠା ପ୍ରେମ ପୁଣି ଥରେ ପାଇ ସେ ଏତେଦିନ ପରେ ଖୁବ୍ ଖୁସି ଜଣାପଡୁଥିଲେ।

ମୋ: ୯୮୪୦୭୦୬୧୪୦

## ତିନୋଟି ଅଣୁଗଳ୍ପ

ସାଗରିକା ପଟ୍ଟନାୟକ

### ଖାଦ୍ୟ

ଅଧା ଖାଇ ଛାଡ଼ିବାର ଅଭ୍ୟାସ। ଭାତ ବାଢ଼ିବା ପରେ ବୋଉ ଚାହିଁ ରହେ। ମୁଠାଏ ଛାଡ଼ିଲେ ନାନା କଥା କହେ। ଆଜି ରାମ ଚା' ଦୋକାନରୁ ଫୁଟିଟାଏ କିଣି ଅଧା ଫିଙ୍ଗି ଚାଲି ଆସୁଥିଲି। ପାଗଳ ଭିକାରିଟା କୋଉଠି ଥିଲା କେଜାଣି ଚଟ୍‌କରି ଆସି ବଳକାତକ ଶୋଷାଡ଼ି ନେଲା।

### ଗାମୁଛା

ସପ୍ତମରେ ପଢୁଛି ପୁଅ। ସ୍କୁଲ୍‌ରୁ ଆସି କ'ଣ ଭାବିଲା କେଜାଣି ମୋ' ଗାମୁଛା ଘୋଡ଼ିହୋଇ ଶୋଇପଡ଼ିଲା। ପଚାରିବାରୁ କହିଲା, ବାସ୍ନା ହେଉଛି ବୋଲି। ଆଉ ମୁଁ ଗେଷ୍ଟରୁମ୍‌ରେ ପାରାଲିସିସ୍‌ରେ ପଡ଼ିଥିବା ବାପାଙ୍କ କଥା ଭାବୁଥିଲି। ଦେହ ଗନ୍ଧ ହେଲାଣି ବୋଲି ବହୁତ ଦିନ ହେଲା ବୁଲିଯାଇନି ମୁଁ।

### ଡଲାର

ଆମେରିକାରେ ରୁହେ ବୋଲି ମୋ'ଠାରୁ ଅଧିକ ଗର୍ବ କରନ୍ତି ବାପା। ଯେତେବେଳେ ଆସିଲେ ବିଡ଼ାଏ ଡଲାର ହାତରେ ଗୁଞ୍ଜିଦିଏ। ସେ ଖୁସି ହୋଇ ଯାଆନ୍ତି। ଆଜି ବାପାଙ୍କ ଅବଶ ହାତଟାରେ ଦି' ବିଡ଼ା ଡଲାର ଦେବା ସତ୍ତ୍ୱେ ସେ ନେଲେ ନାହିଁ। ଶାର୍ଟରେ ଭର୍ତ୍ତି କରିଥିଲି। ଜୁଇ ସହ ଟଙ୍କାଗୁଡ଼ା ଜଳିଗଲା। ଦି' ଆଉ କ୍ଷତି।

ମୋ: ୯୮୫୩୭୬୮୨୫୬

**ନିଆଁ ଲାଗି ଘର ଜଳିଗଲା**

ଲାଠୋର,( ଡି.ଏନ. ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପତ୍ରାପାଲି ଗ୍ରାମର ମକଶିର ଜାଲଙ୍କ ଘର ମଙ୍ଗଳବାର ଜଳିଯାଇଛି। ମଙ୍ଗଳବାର ତାଙ୍କ ସ୍ତ୍ରୀ ଛାମନି ରୋଷେଇ କରୁଥିବା ବେଳେ ଘରେ ନିଆଁ ଲାଗି ଯାଇଥିଲା। ଫଳରେ ଘରେ ଥିବା ବିଭିନ୍ନ କାଗଜାତ୍ ସହ ୩୦ପାକେଟ ସିମେଣ୍ଟ, ୨ପାକେଟ ଚାଉଳ, ଆବାସ ଗୃହର ଦ୍ୱିତୀୟ କିସ୍ତି ବାବଦ ୩୫ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ପ୍ରକାଶ ଯେ, ଚଳିତ ବର୍ଷ ମକଶିରଙ୍କ ନାମରେ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଛି। ଏହିକାମ ଏବେ ସେ କରୁଥିବା ବେଳେ ପୁରୁଣା ଘର ପୋଡିଯିବା ତାଙ୍କୁ ବ୍ୟଥିତ କରିଛି।

## ସଂକ୍ଷେପରେ

### ବିଲ୍ଡିଂ କାମ କଲା ବେଳେ ଖସି ପଡ଼ି ଶ୍ରମିକ ମୃତ

ବାଉଁଶୁଣୀ, ୨୭।୧ (ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଡିଗ୍ରୀ କଲେଜର ବିଲ୍ଡିଂ କାମ କରୁଥିବା ବେଳେ ଉପରୁ ଖସି ପଡି ବୁଧବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ଜିଲା ମରଜାକୁଦ ଗ୍ରାମର ନରେନ୍ଦ୍ର ସେଠୀ (୪୫)। ଅପରାହ୍ନ ୫ଟାରେ ଶ୍ରମିକ ଜଣକ କାମ କରୁଥିବା ବେଳେ ଭାଡିଆରୁ ପଡି ଗୁରୁତର ହୋଇଥିଲେ। ତାଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଉଁଶୁଣୀ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଉଠାଜଳସେଚନ ନିର୍ମାଣ ପାଇଁ ସ୍ଥାନ ନିରୂପଣ

କେସିଙ୍ଗା,୨୭।୧(ଡି.ଏନ.ଏ.): ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶ ଓ ନର୍ଲା ବିଧାୟକ ଭୂପିନ୍ଦର ସିଂହ ବୁଧବାର କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଗସ୍ତ କରିଛନ୍ତି। ଉଭୟେ କେସିଙ୍ଗା ବ୍ଲକ ସୁକୁନାଭଟାଠାରେ ପୂର୍ବାହ୍ନ ୯ଟାରେ ପହଞ୍ଚିଥିଲେ। ସୁକୁନାଭଟା ଜାତୀୟ ରାଜପଥଠାରୁ ଟ୍ରାକ୍ଟର ଯୋଗେ ତେଲନଦୀ ପରିଦର୍ଶନ କରିଥିଲେ। ଚାଷୀଙ୍କ ସୁବିଧା ପାଇଁ ଏକ ଉଠାଜଳସେଚନ ନିର୍ମାଣ ପାଇଁ ସ୍ଥାନ ନିରୁପଣ କରିଥିଲେ। ସେଠାରୁ କେସିଙ୍ଗା ବ୍ଲକ ହାତୀଖୋଜ ଗ୍ରାମସ୍ଥିତ ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ବିଭିନ୍ନ ଯନ୍ତ୍ରାଂଶ ବୁଲି ଦେଖିଥିଲେ। ହାତୀଖୋଜ ପଞ୍ଚାୟତ ତୁଣ୍ଡଲା, ବେଲଖଣ୍ଡି, ସିର୍ଜାପାଲି ଆଦି ପଞ୍ଚାୟତ ଚାଷୀମାନେ ଯୋଗଦେଇଥିଲେ। ଚାଷୀମାନଙ୍କ ସହିତ ମନ୍ତ୍ରୀ ଓ ବିଧାୟକ ଦୀର୍ଘ ସମୟ ଜଳସେଚନ ବିଷୟରେ ଆଲୋଚନା କରିଥିଲେ। ରାହୁଲ ନଦୀ, ଉତ୍ତେଇ ନଦୀ, ସାନ୍ଦୁଲ ନଦୀ ଓ ତେଲ ନଦୀ ପାର୍ଶ୍ୱରେ ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ନର୍ଲା ବିଧାୟକ ଭୁପିନ୍ଦର ସିଂ ପ୍ରସ୍ତାବ ଦେଇଥିଲେ। ପରଲସିଙ୍ଗା ଗ୍ରାମପଞ୍ଚାୟତକୁ ଏକ ନୂତନ ପାଇପ ଲାଇନ ସଂଯୋଗ କରିବାକୁ ମଧ ବିଧାୟକ ଦାବି ଜଣାଇଥିଲେ। ଏଠାରୁ ଏମ. ରାମପୁର ବ୍ଲକ ମାଣିକେରା, ପିତକୁଡି ଆଇଡି ହରିହର ସାଗର, ରେଡ ଇରିଗେସନ୍ ପ୍ରୋଜେକ୍ଟ ପରିଦର୍ଶନ କରି ସନ୍ଧ୍ୟାରେ ଭୁବନେଶ୍ୱର ଫେରିଥିଲେ।

# ସାଇବର ଠକେଇର ପର୍ଦ୍ଦାଫାଶ: ୫ ଗିରଫ

ଭବାନୀପାଟଣା, ୨୭।୧ (ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ଶର୍ମା କଲୋନୀର ଜଣେ ଅବସରପ୍ରାପ୍ତ ବରିଷ୍ଠ ନାଗରିକଙ୍କଠାରୁ ହୋଇଥିବା ସାଇବର ଠକେଇ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ବୁଧବାର ୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ଉତ୍ତରପ୍ରଦେଶର ହମିରପୁର ଅଞ୍ଚଳର ଅଭିଲାଷ ସିଂ, ପରଭେଜ ଅହମ୍ମଦ, ୱହିଦ ଖାଁମ, ଶାହାରୁଖ ଖାନ୍ ଓ ଜୁନେଦ ଏହମ୍ମଦ। ସେମାନଙ୍କଠାରୁ ୫୨ ହଜାର ୩୮ ଟଙ୍କା ଏବଂ ୧୦ଟି ମୋବାଇଲ ଜବତ କରାଯାଇଛି ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଭବାନୀପାଟଣା ଏସଡିପିଓ ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

ଭବାନୀପାଟଣା ଶର୍ମା କଲୋନୀର ଅବସରପ୍ରାପ୍ତ ବରିଷ୍ଠ ନାଗରିକ ଗଙ୍ଗାଧର ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀଙ୍କୁ ଗତ ୯ ତାରିଖରେ ଜିଓ ଫୋନ କଷ୍ଟମର କେୟାରରୁ କହୁଛି କହି କିଛି ପ୍ରୋବ୍ଲେମ ଅଛି କି ପଚାରିଥିଲେ ଜଣେ ଅଜଣା ବ୍ୟକ୍ତି। ଏହା ସମାଧାନ କରିଦେବା କହି ବ୍ୟକ୍ତିଗତ ଠିକଣା ମାଗି ନେଇଥିଲେ। ଏହାପରେ ଆପଣଙ୍କୁ ନୂଆବର୍ଷ ପାଇଁ ମାଗଣା ଅଫର ଅଛି, ମୋବାଇଲ ଗିଫ୍ଟ ମିଳିବ ଏବଂ ୨୦ ହଜାର ଟଙ୍କା ମଧ କ୍ୟାସ ପ୍ରାଇଜ ପାଇବେ ବୋଲି କହିଥିଲେ। କିନ୍ତୁ ଠକ କିଛି ସମୟ ପରେ ଓଟିପି ନ ନେଇ ମଧ୍ୟ ଗଙ୍ଗାଧରଙ୍କ ଆକାଉଣ୍ଟରୁ ଗୁଗୁଲ ପେ'ରେ ୨୦ ହଜାର ଲେଖାଏଁ ୫ ଥରରେ ୧ ଲକ୍ଷ ଟଙ୍କା ଓ ବ୍ୟାଙ୍କ ଆକାଉଣ୍ଟରୁ ୪୫ ହଜାର ନେଇ ଚାଲିଥିଲେ। ଏପରିକି ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ମଧ ୧ ଲକ୍ଷ ୨୦ ହଜାର ଟଙ୍କା ଠକ ନେଇଗଲେ। ଗଙ୍ଗାଧର ଓ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ସମୁଦାୟ ୨ ଲକ୍ଷ ୬୫ ହଜାର ସାଇବର ଠକେଇରେ ପଡି ହରାଇଥିଲେ। ଏ ନେଇ ଗତ ୯ ତାରିଖରେ ଭବାନୀପାଟଣା ଟାଉନ ଥାନାରେ ଗଙ୍ଗାଧର ଠକେଇ ନେଇ ଅଭିଯୋଗ କରିଥିଲେ। ମାମଲା ରୁଜୁ କରି କଳାହାଣ୍ଡି ପୋଲିସର ୩ଟି ସ୍କାଡ ଗଠନ କରି ତଦନ୍ତ ଚଳାଇଥିଲା। ଖବରଦାତା ସମ୍ମିଳନୀରେ ଭବାନୀପାଟଣା ଏସଡିପିଓ ସେଠୀଙ୍କ ସମେତ ଟାଉନ ଥାନା ଅଧିକାରୀ ସତ୍ୟ ନନ୍ଦ, ଏସ୍‌ଆଇ ଶିବାଜୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିରରୁ ପ୍ରସାଦ ଖାଉଛି ଭାଲୁ

ତରବୋଡ/ନୂଆପଡା ଅଫିସ, ୨୭।୧ (ଡି.ଏନ.ଏ.)

ନୂଆପଡ଼ା ଜିଲା ସଦର ବ୍ଲକ ସାଲିହା ଜଙ୍ଗଲରେ ଭାଲୁ ରହିଥିବାରୁ ଲୋକେ ଭୟଭୀତ ହୋଇ ସନ୍ଧ୍ୟା ହେଲେ ତାଟିକେବାଟ ବନ୍ଦ କରି ଦେଉଛନ୍ତି। ଜମିବାଡିକୁ ମଧ୍ୟ ରାତିରେ କେହି ଯାଉନାହାନ୍ତି। ଦିନବେଳା ଯାଇ ଜମିବାଡି କାମ ସାରି ଘରକୁ ଫେରି ଆସୁଛନ୍ତି। ଜମିକୁ ଯିବାକୁ ହେଲେ ଦଳ ଦଳ ହୋଇଯିବାକୁ ପଡୁଛି। ହେଲେ ଏବେ ଭାଲୁ ନିଜେ ଆସି ମଣିଷ ସହିତ ବନ୍ଧୁତା କରୁଛି। ସାଲିହା ଜଙ୍ଗଲ ପାହାଡ ଉପରେ ରାମସୀତା ଓ ସେୱାର ଦେବୀ ମନ୍ଦିର ରହିଛି। ସେହି ମନ୍ଦିରରେ ପ୍ରତ୍ୟେକ ଦିନ ପୂଜାର୍ଚ୍ଚନା କରାଯାଏ। ପୂଜାରୀ ପୂଜାର୍ଚ୍ଚନା କରୁଥିବା ବେଳେ କେତେ ଭାଲୁ ମନ୍ଦିର ପ୍ରାଙ୍ଗଣକୁ ଆସିଥାନ୍ତି। ପୂଜାରୀ ଭୟଭୀତ ହୋଇ ପଳାଇ ଯାଆନ୍ତି। ମନ୍ଦିରକୁ ଭାଲୁ ଆସୁଥିବା ଦେଖି ଗାଁର କେତେଜଣ ସାହସୀ ଯୁବକ ପୂଜାରୀଙ୍କ ସହ ଭୟଭୀତ ନ ହୋଇ ସାଙ୍ଗରେ ଭାଲୁଙ୍କୁ ଦେବୀଙ୍କ ପ୍ରସାଦ (ଭୋଗ) ନଡିଆ ଖାଇବା ପାଇଁ ଦେବାରୁ ଭାଲୁ ଖାଇ ଜଙ୍ଗଲକୁ ଚାଲିଯାଇଥିଲେ।



ବର୍ତ୍ତମାନ ଭାଲୁ ମଣିଷ ଉପରେ ଆକ୍ରମଣ ନ କରି ପ୍ରତ୍ୟେକ ଦିନ ଆସି ପ୍ରସାଦ ସେବନ କରି ଜଙ୍ଗଲକୁ ଚାଲି ଯାଉଥିବା ଯୁବକମାନେ କହିଛନ୍ତି।

# ମନହୀରା ସରପଞ୍ଚ ନିଲମ୍ବିତ

ଲୋଇସିଂହା,୨୭।୧(ଡି.ଏନ.ଏ.)

**ସମ୍ପର୍କୀୟଙ୍କ ନାଁରେ ୨ ଆବାସ ଯୋଜନାରେ ଘର ହାତେଇବା ଘଟଣା**

କ୍ଷମତାର ଅପବ୍ୟବହାର କରି ନିଜର ଦୁଇ ସମ୍ପର୍କୀୟଙ୍କ ନାଁରେ ୨ଟି ଗ୍ରାମୀଣ ଆବାସ ଘର ହାତେଇବା ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ପଞ୍ଚାୟତର ସରପଞ୍ଚ ବ୍ରଜ ପୁଟେଲଙ୍କୁ ମହଙ୍ଗା ପଡିଛି। ପ୍ରଶାସନିକ ତଦନ୍ତ ପରେ ଅଭିଯୋଗରେ ରାଜ୍ୟ ସରକାରଙ୍କ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ଚିଠି ସଂଖ୍ୟା ୧୬୧୦/ତା୨୫।୧।୨୦୨୧ରିଖ ଅନୁଯାୟୀ ତାଙ୍କୁ ନିଲମ୍ବିତ କରାଯାଇଛି। ସୂଚନାଯୋଗ୍ୟ ଯେ, ସରପଞ୍ଚ ପୁଟେଲଙ୍କ ଭଣଜା ହେମନ୍ତ ପୁଟେଲଙ୍କ ଘର ସୁବର୍ଣ୍ଣପୁର ଜିଲା ଦିଗଶିରା ଗାଁରେ। ତାଙ୍କ ନାମରେ ୨୦୧୭-୧୮ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ସଂଖ୍ୟା ୫୧୪୫/ତା ୬।୧୨।୧୭ରିଖରେ ଆବାସ ଯୋଜନାରେ ଏକ ଘର ଦିଆଯାଇଥିଲା। ଧାର୍ଯ୍ୟ ସମୟରେ ଘର କାମ ସାରିଥିବାରୁ ତାଙ୍କୁ ପ୍ରୋତ୍ସାହନ ରାଶି ବାବଦକ ୨୦ହଜାର ଟଙ୍କା ଦିଆଯାଇଥିଲା। ଏହାପରେ ସରପଞ୍ଚଙ୍କ ବାପା ଡମନ ପୁଟେଲଙ୍କ ନାମରେ ଆବାସ ଯୋଜାନାରେ ଏକ ଘର ଆବଣ୍ଟିତ କରାଯାଇଥିଲା। ଏହା ଜଣା ପଡିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୨୦୨୦ ଜାନୁୟାରୀ ୨୦ତାରିଖରେ ପାଟଣାଗଡରେ ଚାଲିଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଚାୟତର କେତେକ ଲୋକେ ଲିଖିତ ଭାବେ ଜଣାଇଥିଲେ। ଏହି ଘଟଣାରେ ତତ୍କାଳୀନ ଜିଲାପାଳ ଅରିନ୍ଦମ ଡାକୁଆ ଉପଜିଲାପାଳଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗରେ ସତ୍ୟତା ରହିଥିବା ଉପଜିଲାପାଳ ସେହି ମାସ ୩୧ ତାରିଖର ରିପୋର୍ଟରେ ଉଲ୍ଲେଖ କରିଥିଲେ। ଉକ୍ତ ରିପୋର୍ଟରେ ଉଭୟ ଆବାସ ବାବଦ ଟଙ୍କା ସାଢେ ୧୨ ପ୍ରତିଶତ ସୁଧ ଜମା କରିବା ପାଇଁ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପଲାଙ୍କ ତଦନ୍ତ ରିପୋର୍ଟ ହସ୍ତଗତ ପରେ ୨୦୨୦ ଫେବୃୟାରୀ ୨୯ରେ ସେତେବେଳର ଜିଲାପାଳ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଞ୍ଚାୟତିରାଜ ନିର୍ଦ୍ଦେଶକଙ୍କୁ ସୁପାରିଶ କରିଥିଲେ। ସେହି ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ତହସିଲଦାରଙ୍କୁ ଦାବିପତ୍ର ଦେଲେ ଚାଷୀ

ମୁରିବାହାଲ, ୨୭।୧ (ଡି.ଏନ.ଏ.)

ମୁରିବାହାଲ ବ୍ଲକର ଚାଷୀମାନେ ମଣ୍ଡି ଅବ୍ୟବସ୍ଥା ସମେତ ୬ଦଫା ଦାବି ନେଇ ସୋମବାର ସ୍ଥାନୀୟ ତହସିଲଦାର ସୋନାଲି ପାତ୍ରଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଲୋଚନା ପରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦିନଦିନ ଧରି ମଣ୍ଡିରୁ ଧାନ ଉଠି ପାରୁନାହିଁ। ଯେଉଁମାନଙ୍କର ବି ଉଠୁଛି ସେଥିରେ କଟନୀ କରାଯାଉଛି। ଏଥି ସାଙ୍ଗକୁ ତିଖାଳି ଡ୍ୟାମର ପାଣି ଗୁଡିଘାଟ ଅଞ୍ଚଳର ଲୋକଙ୍କୁ ଯୋଗାଣ କରିବାକୁ ଦାବି କରାଯାଇଛି। ଓଡିଶା ସରକାରଙ୍କ କାଳିଆ ଓ କେନ୍ଦ୍ର ସରକାରଙ୍କ କିଶାନ ନୀତି ଯୋଜନାର ଲାଭ କିପରି ପାଇବେ ସମସ୍ତ ଚାଷୀ ପାଇ ପାରିବେ ତାହାର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ରୁଦ୍ରମନ ହିରା, ଝସକେତନ ବୁଡେକ, ଇନ୍ଦ୍ରମଣି ବନଛୋର, ମତିରାମ ପୋଢ, ଗୁପ୍ତେଶ୍ୱର ମେହେର, ଗଣ୍ଡାରାମ କାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଓଗାଁ ବ୍ଲକ: ଜନ ପ୍ରତିନିଧିଙ୍କ ତାଲାବନ୍ଦ ଆନ୍ଦୋଳନ

ଦେଓଗାଁ ,୨୭।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଉନ୍ନୟନ କାର୍ଯ୍ୟ ବନ୍ଦ ରହିଛି। ଏହାର ପ୍ରତିବାଦରେ ବୁଧବାର ୨୬ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ବ୍ଲକ ଅଫିସ ଗେଟରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିଛନ୍ତି। ପୂର୍ବାହ୍ନ ୧୦ଟାରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ସମସ୍ତ ଜନ ପ୍ରତିନିଧି ବ୍ଲକ ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ତଳେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଶାସନର ଅବହେଳାର ସମାଲୋଚନା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ମେହେର, ଉପାଧ୍ୟକ୍ଷ ରାଜୁ ବାଗ, ସମିତି ସଭ୍ୟ ପବିତ୍ର ସୁନା, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ସରପଞ୍ଚ ବାଳକ ପଧାନ, ଜୟ ରଣା, ଧ୍ରୁବଲେ ରାଉତ, ନିଳାଞ୍ଚଳ କୁଅଁର, ସମିତି ସଭ୍ୟ ଟିକେଚନ ସାହୁ ତଥା ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି।



ଦେଓଗାଁ ବ୍ଲକ ସମ୍ମୁଖରେ ଧାରଣାରତ ଜନପ୍ରତିନିଧି।

ସେମାନେ ଅଭିଯୋଗକରିଛନ୍ତି ଯେ, ବ୍ଲକରେ ଏକ ଅଦୃଶ୍ୟ ଶକ୍ତିର ଆଙ୍ଗୁଳି ନିର୍ଦ୍ଦେଶରେ ବର୍ଷାଧିକ କାଳ ହେଲା ସାମୂହିକ ଖଳା ନିର୍ମାଣ, ବନ୍ୟାରେ କ୍ଷତି ହୋଇଥିବା ପ୍ରକଳ୍ପର ମରାମତି (ଏଫଡିଆର) ଅନୁଦାନ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟକୁ ବ୍ଲକ ପ୍ରଶାସନ ଜାଣିଶୁଣି ବନ୍ଦ କରି ରଖିଛନ୍ତି। ଏହା ବିକାଶରେ ବାଧା ସୃଷ୍ଟି କରିଛି। ଏଣୁ ତୁରନ୍ତ ସମସ୍ତ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। ଅପରାହ୍ନ ୪ ଟାରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ବିଡିଓ ରୁଦ୍ର ପ୍ରସାଦ ସୁନା, ସହକାରୀ ଯନ୍ତ୍ରୀ ଓ ବ୍ଲକ କର୍ମଚାରୀ ଆନ୍ଦୋଳନସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। ଆନ୍ଦୋଳନକାରୀଙ୍କ ଦାବି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ବୁଧବାର କୁତୁର୍ଲା ପଞ୍ଚାୟତର ଏଫଡିଆର କାମ ଓ ଉଡାର ପଞ୍ଚାୟତରେ ଥିବା ସାମୁହିକ ଖଳା କାମର ଲେଆଉଟ ସହ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଗୁରୁବାର ସୁଦ୍ଧା ବ୍ଲକର ସମସ୍ତ ପଞ୍ଚାୟତର କାମର ଲେଆଉଟ ଦେଇ କାମ ଆରମ୍ଭ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ବୋଲି ବ୍ଲକ ଅଧ୍ୟକ୍ଷା ସୂଚନା ଦେଇଛନ୍ତି।

# ବୈଷମ୍ୟମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ











ବଲାଙ୍ଗୀର ମନୋହରପୁର ପୋଲିସ ପଡିଆରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବକ୍ତବ୍ୟ ରଖୁଛନ୍ତି(ବାମ)। ଜଣେ ନର୍ସଙ୍କୁ ଜିଲାପାଳ ମୋନିଷା ବାନାର୍ଜୀ ସମ୍ମାନିତ କରୁଛନ୍ତି(ମଝି)। ଭବାନୀପାଟଣାରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି।

**ସାଧାରଣତନ୍ତ୍ର ଦିବସ ପାଳିତ**

**ବଲାଙ୍ଗୀର ଅଫିସ, ୨୭।୧:** ବଲାଙ୍ଗୀର ଜିଲା ସଦର ମହକୁମାଠାରେ ମଙ୍ଗଳବାର ଜିଲାସ୍ତରୀୟ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନ ସାଢ଼େ ୮ରେ ମନୋହରପୁର ପୋଲିସ ପଡିଆଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଅତିଥି ଦାଶ ତାଙ୍କ ବକ୍ତବ୍ୟରେ ରାଜନୈତିକ ସ୍ୱାଧୀନତା, ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମନିରପେକ୍ଷତା, ବୈଷମ୍ୟମୁକ୍ତ ସମାଜ ପ୍ରତିଷ୍ଠା ଓ ମାନବାଧିକାର ପ୍ରତି ସମ୍ମାନ ପ୍ରଦାନ ଆମ ସମ୍ବିଧାନର ବିଶେଷତ୍ୱ ବୋଲି କହିଥିଲେ। ଭାରତୀୟ ସମ୍ବିଧାନ ଆମ ଐକ୍ୟ, ସଂହତି ଓ ଧର୍ମନିରପେକ୍ଷ ଚରିତ୍ରକୁ ମଜବୁତ କରିଛି ବୋଲି ସେ ପ୍ରକାଶ କରିଥିଲେ। ସମ୍ବିଧାନ ପ୍ରଣେତା ଡ. ବି.ଆର. ଆମ୍ବେଦକର ଓ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ, ସଦସ୍ୟାମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭାରତବର୍ଷର ଏକତା ଓ ଅଖଣ୍ଡତା ବଜାୟ ରଖିବା ପତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। କୋଭିଡ ମହାମାରୀ ସମୟରେ କୋମଳମତି ଶିଶୁମାନଙ୍କର ପାଠପଢ଼ା ଦିଗରେ ସରକାର ସତତଃ ଚେଷ୍ଟିତ। ଦଶମ ଶ୍ରେଣୀର ପିଲାଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୭ ଶହ ପୃଷ୍ଠା ସମ୍ବଳିତ ପୁସ୍ତକ ପରୀକ୍ଷା ଦର୍ପଣ ପ୍ରାୟ ୬ ଲକ୍ଷ ୨୦ ହଜାର ୫୦୮ ଜଣ ଛାତ୍ରୀଛାତ୍ରଙ୍କୁ ମାଗଣାରେ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ଅଭିବାଦନ ମଞ୍ଚରେ ଜିଲାପାଳ ଚଞ୍ଚଳ ରାଣା, ଏସପି ନିତିନ୍ କୁଶଲକର, କେତେକ କୋଭିଡ ଯୋଦ୍ଧା ଓ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।

**ସୋନପୁର/ବୌଦ୍ଧ(ନି.ପ୍ର./ସ୍ୱ.ପ୍ର):** ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ଜିଲାପାଳ ମୋନିଷା ବାନାର୍ଜି ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଏକ ସମୃଦ୍ଧ ସୁବର୍ଣ୍ଣପୁର ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ପିଡି ଡିଆରଡିଏ ତୋଲାମଣି ପଟେଲ, ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଉତ୍କଳ କେଶରୀ ଦାସ, ଉପଜିଲାପାଳ ନିହାର ରଞ୍ଜନ କହଁର ଉପସ୍ଥିତ ଥିଲେ। ମୁଖ୍ୟଅତିଥି ୪୧ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରିଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବୌଦ୍ଧ କଚେରୀ ଖେଳପଡିଆରେ ମୁଖ୍ୟଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲାପାଳ ମିଶ୍ର ତାଙ୍କ ବକ୍ତବ୍ୟରେ ଐତିହ୍ୟ ସମ୍ପନ୍ନ ଏହି ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ ଅନେକ ସୁଯୋଗ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଏସପି ଭି.ରଘୁନାଥ ରାଓ ଯୋଗ ଦେଇଥିଲେ। ସେହିପରି ଜିଲା ନ୍ୟାୟାଳୟ ପରିସରରେ ଜିଲା ଦୌରାଜଜ୍ ଅରବିନ୍ଦ କୁମାର ଗୁରୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲା ଓକିଲ ସଂଘ ପରିସରରେ ସଂଘର ସଭାପତି ତାରେଣୀ କୁମାର ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଡିଆଇପିଆରଓ ବିରଞ୍ଚି ଧରୁଆ, ସହକାରୀ ଜିଲାପାଳ ଅବିନାଶ ପାଣ୍ଡିଆ ଓ ସ୍ୱଳ୍ପ ସଞ୍ଚୟ ଅଧିକାରୀ ଶିଶିର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଉଁଶୁଣୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳ, ମୁଣ୍ଡିପଦର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ବରଗଡ଼ ଅଫିସ:** ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆଗାମୀ ଦିନରେ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରିବା ସହିତ ବିଜୁ ଏକ୍ସପ୍ରେସ୍ ୱେ, ଉନ୍ନତ ମାନର ଗମନାଗମନ ବ୍ୟବସ୍ଥା ସହିତ ଜିଲାର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ବୋଲି କହିଥିଲେ। ପରେ ପ୍ରମୁଖ କୋଭିଡ଼ ଯୋଦ୍ଧାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଜିଲାପାଳ ଜ୍ୟୋତିରଞ୍ଜନ ପଧାନ, ଆରକ୍ଷୀ ଅଧିକ୍ଷକ ପଦ୍ମିନୀ ସାହୁ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭଟଲି ରଥଦାଣ୍ଡ ପଡ଼ିଆରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଏସ୍ଏଫ୍ ଯବାନ ସୁଶାନ୍ତ ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରଥିଲେ।

**ଖବରକାଗଜ ବିତରକ ସଂଘ ଉଡ଼ାଇଲେ ତ୍ରିରଙ୍ଗା:** ବରଗଡ଼ ଜିଲା ଖବରକାଗଜ ବିତରକ ସଂଘ ପକ୍ଷରୁ ନବରତ୍ନ ମିଡ଼ିଆ ସମ୍ମୁଖରେ ଅନୁଷ୍ଠିତ ଉତ୍ସବରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ପତାକା ଉତ୍ତୋଳନ କରିଥିଲେ। ଉତ୍ସବରେ ବିଜେଡ଼ି ନଗର ସଭାପତି କିଶୋର ମିଶ୍ର ଓ ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।

**ସ୍ୱାଧୀନତା ସଂଗ୍ରାମୀଙ୍କୁ ଭେଟିଲେ ପ୍ରଶାସନିକ ଅଧିକାରୀ:** ସାଧାରଣତନ୍ତ୍ର ଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସଂଗ୍ରାମୀ ପୀଠ ପାଣିମୋରା ଗ୍ରାମରୁ ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ର ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ସ୍ୱାଧୀନତା ସଂଗ୍ରାମୀ ପ୍ରଧାନଙ୍କୁ ପୁଷ୍ପମାଲ୍ୟ ଏବଂ ଉପାୟନ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

**ଭବାନୀପାଟଣା(ଡି.ଏନ.ଏ.):** ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମନ୍ତ୍ରଙ୍କ ସହିତ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଏସ୍‌ପି ଶ୍ରବଣ ବିବେକ ଏମ୍. ମଞ୍ଚରେ ଉପସ୍ଥିତ ଥିଲେ।

**କେସିଙ୍ଗା(ଡି.ଏନ.ଏ.):** କେସିଙ୍ଗା ସହରସ୍ଥିତ ବିଦ୍ୟାପୀଠ ଖେଳ ପଡିଆରେ ଉପଜିଲାପାଳ ସୁଶାନ୍ତ କୁମାର ସିଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏନ୍ଏସି ଇଓ ସିଦ୍ଧାର୍ଥ ପଟ୍ଟନାୟକ, ମେଡିକାଲ ଅଫିସର ଡା. ସୁବାଷ ଚନ୍ଦ୍ର ବେହେରା, ଆଇଆଇସି ଅଶୋକ କୁମାର ମହାପାତ୍ର ମଞ୍ଚାସୀନ ଥିଲେ। କେସିଙ୍ଗା ମହାବିଦ୍ୟାଳୟ ପ୍ରିନ୍ସିପାଲ କୈଳାଶ ଚନ୍ଦ୍ର ସାହା, ମହିଳା ଆଇଆଇସି ଦୀପାଞ୍ଜଳି ପ୍ରଧାନ, ବିଜେଡି ଟାଉନ ସଭାପତି ରମେଶ ପଟ୍ଟନାୟକ ଉପସ୍ଥିତ ହୋଇଥିଲେ। ସେହିପରି କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ପ୍ରଫୁଲ୍ଲ କୁମାର ଅଦୁ ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବେହେରା, ଉପାଧ୍ୟକ୍ଷ ରଜନୀକାନ୍ତ ପୋଢ଼ ଉପସ୍ଥିତ ଥିଲେ।

**ଧର୍ମଗଡ(ଡି.ଏନ.ଏ.):** ଧର୍ମଗଡ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଉପଜିଲାପାଳ ଦିବାକର ଟିଏସ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପଖଣ୍ଡ ଆରକ୍ଷୀ ଅଧିକାରୀ, ସହାୟକ ଜିଲାପାଳ, ତହସିଲଦାର, ଥାନା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

**କୋକସରା,(ଡି.ଏନ.ଏ.):** କୋକସରା ଗୁଡାହାଣ୍ଡି ମଞ୍ଚରେ ବିଡିଓ ମନୀଷା ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାନୀତ ଅତିଥି ବ୍ଲକ ଅଧକ୍ଷ ଶବ୍ୟାରାଣୀ ବାଗ, ସମିତି ସଭ୍ୟା ଅଶୋକା ନାଏକ ଉପସ୍ଥିତ ଥିଲେ। ୪ କୋଭିଡ ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଛି। ବିଜେଡି କାର୍ଯ୍ୟାଳୟ ଓ ଡିଗ୍ରୀ କଲେଜରେ ବିଧାୟକ ମୌଷଧି ବାଗ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## କରୋନା ଯୋଦ୍ଧା ସମ୍ମାନିତ

କଣ୍ଟାବାଞ୍ଜି/ ଅମରପାଲି, ୨୭।୧(ଡି.ଏନ.ଏ.)

କଣ୍ଟାବାଞ୍ଜି ଏନଏସିସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ରେଳବାଇ ଷ୍ଟାଡିୟମରେ ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କରୋନା ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏନଏସି ପରିମଳ ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ୩ଟି ବ୍ୟାଟେରୀ ଚାଳିତ ଟେମ୍ପୁର ଶୁଭାରମ୍ଭ କରାଯାଇଛି। ତହସିଲଦାର ଅଶୋକ କୁମାର ମାଝି, ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ନିର୍ବାହୀ ଅଧିକାରିଣୀ ସାମ୍ପି ରେଡି ଜୟଶ୍ରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ସ୍ଥାନୀୟ ଉପଜିଲାପାଳ ଅଶୋକ କୁମାର ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଧିରୋଜ ଚୌପଦାର, ଆଇଆଇସି ପ୍ରଭାଧନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ଏଏସଆଇ ସୁରୁ ବିଶ୍ୱାଳ, କନଷ୍ଟେବଳ ଅନନ୍ତ କଅଁର, ଗୃହରକ୍ଷୀ ବିଶ୍ୱାମିତ୍ର ଜଗଦଲା, ଡା. ନୀତିଶ ସାହୁ, ଏଏନଏମ ସଂଯୁକ୍ତା ସାହୁ, ଫାୟାରମ୍ୟାନ ସଚ୍ଚିଦା କୁମାର ସାଏ, ଅଙ୍ଗନୱାଡି କର୍ମୀ ମମତା ପଣ୍ଡା ଓ ରୀନାରାଣୀ ପଣ୍ଡା ପ୍ରମୁଖଙ୍କୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଖଣ୍ଡୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୀରମହାରାଜପୁର କଲେଜର ପିଇଟି ନରେନ୍ଦ୍ର ଚାନ୍ଦ ପରେଡ୍ ପରିଚାଳନା କରିଥିଲେ।